**୭୨ ଗ୍ରାମ୍ ହେରୋଇନ ଜବତ, ଜଣେ ଗିରଫ**

ଭୋଗରାଇ, (ପ୍ରଦୀପ ଦାସ): ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଧୀନ ଜଳେଶ୍ୱର ଚନ୍ଦନେଶ୍ୱର ୫ ୭ ନଂ. ରାଜ୍ୟ ରାଜପଥ ବାରମାଇଲ ଛକରେ ଗୁରୁବାର ସକାଳେ ଜଳେଶ୍ୱର ଅବକାରୀ ସାଟଲାଇଟ ୟୁନିଟ୍ ପକ୍ଷରୁ ୭୨ଗ୍ରାମ୍ ହେରୋଇନ ଜବତ କରାଯାଇଛି। ଏଥିସହିତ ଏହି ନିଶା କାରବାରରେ ସମ୍ପୃକ୍ତ କସବା କମର୍ଦ୍ଦା ଗ୍ରାମର ଦିବାକର ନାୟକଙ୍କୁ ଅବକାରୀ ବିଭାଗ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି। ଏନେଇ ଦିବାକରଙ୍କ ବିରୋଧରେ ମାମଲା (ନଂ.୨ ୦ ୨ / ୨ ୫) ରୁଜୁ ହୋଇଛି।

## ବାଲେଶ୍ୱର

# ଗାଁ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ

ଜଳେଶ୍ୱର, ୨୩।୧
(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ରାଇବଣିଆ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କେତେକ ଠିକାଦାର ରେଳବାଇକୁ ମାଟି, ମୋରମ ଯୋଗାଇବା ନାଁରେ ଲୋକଙ୍କୁ ପ୍ରଲୋଭିତ କରି ତାଙ୍କ ଜମିରୁ ମାଟି ଓ ସରକାରୀ ସ୍ଥାନରୁ ମୋରମ ବିନା ଟ୍ରାନଜିଟ୍ ପାସ୍‌ରେ ଚାଲାଣ

### ରାତିଅଧିଆ ଚାଲାଣବେଳେ ଓଲଟିଲା ଡମ୍ପର

କରୁଛନ୍ତି। ବୁଧବାର ରାତି ପ୍ରାୟ ୯ଟା ବେଳେ ଲକ୍ଷ୍ମଣନାଥ-ଗୋବରଘଟା ଛକ ନିକଟରେ ମାଟି ବୋଝେଇ ଡମ୍ପର(ନଂ. ଓଡି୦୨ବିଏସ୍-୦୫୪୩) ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ଗ୍ରାମବାସୀ ଜାଣିପାରି ଚାଳକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ କରିଥିଲେ। ଏଥିରେ ଡ୍ରାଇଭର ଗୁରୁତର ହୋଇଥିବା ବେଳେ ମାଟିଚାଲାଣରେ ସମ୍ପୃକ୍ତ କେତେକ ଯୁବକ ଓ ସହଯୋଗୀ ତାଙ୍କୁ ଦୀର୍ଘ ସମୟ ଧରି ଲୋକଙ୍କ ଆଢୁଆଳରୁ ଲୁଚାଇ ରଖିଥିଲେ। ପରେ କମ୍ପାନୀର ଏକ ଗାଡିରେ ଜଳେଶ୍ୱର ହସ୍ପିଟାଲକୁ ଆଣିଥିଲେ। ସେ ଗାଁ ଅମର୍ଦ୍ଦା ଅଞ୍ଚଳର ସାଲଖାନ ମୁର୍ମୁ(୪୦) ବୋଲି ଜଣାଯାଇଛି। ଏବେ ତାଙ୍କର କୌଣସି ଖୋଜଖବର ମିଳୁ ନ ଥିବା ଜଣାଯାଇଛି । ଏପରି ଘଟଣା ଦେଖି ଗ୍ରାମବାସୀ ଓ ପଥଚାରୀ ଏକଜୁଟ ହୋଇ ଏହାର ପ୍ରତିବାଦ କରିବା ସହିତ ଟାୟାର ଜାଳି ଦୀର୍ଘ ସମୟ ରାସ୍ତା ଅବରୋଧ କରିଥିଲେ।

ଉଲ୍ଲେଖଯୋଗ୍ୟ, ଚାଫଲା ଛକଠାରୁ ଲକ୍ଷ୍ମଣନାଥ-ଅଗ୍ରୱାଲା ଛକ ପର୍ଯ୍ୟନ୍ତ ରାସ୍ତା ଗ୍ରାମ୍ୟ ସଡ଼କ ଅଧୀନରେ ଥିବା ବେଳେ ଭାରି ଯାନଗୁଡ଼ିକ ରାତିତମାମ ଚାଲୁଥିବାରୁ ଲୋକମାନେ ରାତିରେ ଶୋଇପାରୁନାହାନ୍ତି। ଏ ସମ୍ପର୍କରେ ଜଳେଶ୍ୱର ପଞ୍ଚାୟତ ସମିତି ବୈଠକରେ କେତେକ ନିର୍ବାଚିତ ପ୍ରତିନିଧି ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏପରିକି ବିଧାୟକ ଅଶ୍ୱିନୀ ପାତ୍ର ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ନିଷେଧ କରି ଫଳକ ଲଗାଇବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

## ମତ୍ସ୍ୟ ଅବତରଣ କେନ୍ଦ୍ରର ସାମଗ୍ରିକ ବିକାଶ ହେବ

ବାଲେଶ୍ୱର, ୨୩।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଆୟୋଜିତ ୮ଦିନ ବ୍ୟାପୀ ୭୪ତମ ସାର୍ବଜନୀନ ଗଙ୍ଗାମାତା ପୂଜା ଉତ୍ସବ ଓ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସଂଘ ସଭାପତି ବିକାଶ ଦାସ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ସଦର ବ୍ଲକ ଚେୟାରମ୍ୟାନ ସୁନୀତା ବେହେରା ଯୋଗଦେଇ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରର ସାମଗ୍ରିକ ବିକାଶ ହେବ ବୋଲି ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ, ସଂଘର ପୂର୍ବତନ ସଭାପତି ତାପସ ମାଇତି, ସମାଜସେବୀ ବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂଘ ସମ୍ପାଦକ ଗୋରାଚାନ୍ଦ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘ ଯୁଗ୍ମ ସମ୍ପାଦକ ଅଞ୍ଜନ କୁମାର ପରିଡ଼ା, ଉପସଭାପତି ସୁକୁମାର ପାତ୍ର, କୋଷାଧ୍ୟକ୍ଷ ଗୌରାଙ୍ଗ ଚରଣ ମଣ୍ଡଳ ଓ ଅଶୋକ କୁମାର ସାହୁ, ସହସମ୍ପାଦକ ହେମନ୍ତ କୁମାର ସାହୁ, ଉପଦେଷ୍ଟା କାହ୍ନୁଚରଣ ବେରା, ଅନୀଲ ପାତ୍ର, ରତନ କୁମାର ବେରା ଓ ସୁରେଶ ଚନ୍ଦ୍ର ମାନ୍ନା, ଜୟଦେବ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମତ୍ସ୍ୟ ବିକ୍ରୟ କେନ୍ଦ୍ରଠାରୁ ଜେଟି ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକ, ସିସିଟିଭି ବ୍ୟବସ୍ଥା ଓ ଜଗୁଆଳୀ ମୁତୟନ, ନଦୀମୁହାଣ ଜେଟିଠାରୁ ବଳରାମଗଡି ପର୍ଯ୍ୟନ୍ତ ସମୁଦ୍ରକୂଳରେ ଶକ୍ତ ପଥରବନ୍ଧ ନିର୍ମାଣ, ସୋଲପଟାଠାରେ ନିର୍ମାଣାଧୀନ ପୋଲକୁ ପୂର୍ଣ୍ଣାଙ୍ଗ କରିବା ସହ ରାସ୍ତାର ପ୍ରଶସ୍ତିକରଣ, ପଞ୍ଚପଡ଼ା ଓ ଢୁବୁଢୁବି ନଦୀମୁହାଣକୁ ଡ୍ରେଜର ଦ୍ୱାରା ଖନନ କରିବା, ଜେଟି ସମ୍ପ୍ରସାରଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯିବା, ଦୁବୁଲାଗଡ଼ି ଓ ବଗଦା ବେଳାଭୂମିକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଆଦି ୮ ଦଫା ସମ୍ବଳିତ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲା ପରିଷଦ ସଭାପତି ଓ ବ୍ଲକ ଚେୟାରମ୍ୟାନଙ୍କୁ ଦିଆଯାଇଥିଲା। ମୃତ ମତ୍ସ୍ୟଜୀବୀଙ୍କ ପରିବାରକୁ ସଂଘ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସରପଞ୍ଚ ତଥା ସଂଘର ଯୁଗ୍ମ ସମ୍ପାଦକ ପ୍ରବୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନ୍ ସଂସ୍କୃତି ପାଇଁ ଭାରତ ସ୍ୱତନ୍ତ୍ରତା ଲାଭ କରିଛି


ଅତିଥିଙ୍କ ସମ୍ମୁଖରେ ଜଣେ ଛାତ୍ରୀଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ।

ଖଇରା, ୨୩।୧(ଉତ୍କଳବନ୍ଧୁ ପଣ୍ଡା)

ଭାରତର ସଂସ୍କୃତି ଅନ୍ୟ ଦେଶମାନଙ୍କଠାରୁ ଭିନ୍ନ। ପୁରାଣକାଳରୁ ମୁନିଋଷିଙ୍କ ସମୟରୁ ଭାରତ ନିଜର ମହାନ ସଂସ୍କୃତି ପାଇଁ ସ୍ୱତନ୍ତ୍ରତା ଲାଭ କରିବା ସହ ଏହି ସଂସ୍କୃତି ପାଇଁ ଭାରତ ବଞ୍ଚିଛି ଏବଂ ଶିଶୁମନ୍ଦିର ଭଳି ଅନୁଷ୍ଠାନ ଏହାକୁ ବଞ୍ଚାଇ ରଖିଛନ୍ତି ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ସରସ୍ୱତୀ ମନ୍ଦିର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ ଆଲୋକପାତ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ପରିଚାଳନା କମିଟି ସଭାପତି ନିରଞ୍ଜନ ସାମଲଙ୍କ

### ଅଲିପୁର ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ

ପୌରୋହିତ୍ୟରେ ଆୟୋଜିତ ସଭାରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି, ଭୁବନେଶ୍ୱର ନିଳାଦ୍ରୀବିହାର ଶିଶୁଜ୍ଞାନ ମନ୍ଦିରର ପ୍ରାକ୍ତନ ସମ୍ପାଦକ ଇନ୍ଦ୍ରମଣି ସେଣ୍ଠ ମୁଖ୍ୟବକ୍ତା, ସରପଞ୍ଚ ପ୍ରଣତିବାଳା ମାଝି, ସିଆରସିସି ଲମ୍ବୋଦର ନନ୍ଦ ଓ କମିଟିର ପୂର୍ବତନ ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦିଲୀପ କୁମାର ତ୍ରିପାଠୀ ବିବରଣୀ ପାଠ, ପ୍ରଧାନାଚାର୍ଯ୍ୟ ଜୟନ୍ତ କୁମାର ମାଝି ଅତିଥି ପରିଚୟ ଓ ଆଲୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ପିଲାମାନେ ନୃତ୍ୟଗୀତର ଯାଦୁ ଦେଖାଇଥିଲେ। ନାରାୟଣ ମାଝି, ଭାନୁମତୀ ବେହେରା, ବାସନ୍ତୀ ଲେଙ୍କା, ପ୍ରମିଳା ଜେନା, ଭାଗ୍ୟଦେବୀ ମାଝି, ମମତାମୟୀ ଉପାଧ୍ୟାୟ, ସସ୍ମିତା ସାହୁ, ଶାନ୍ତିଲତା ପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରହ୍ଲାଦ ପ୍ରସାଦ ହାଇସ୍କୁଲ ସାମ୍ବତ୍ସରିକ ଉତ୍ସବ

ଖଇରା, ୨୩।୧(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଶାସ୍ଥିତ ପ୍ରହ୍ଲାଦ ପ୍ରସାଦ ସରକାରୀ ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବ ସଭା, ସମ୍ବର୍ଦ୍ଧନା ମଧ୍ୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି, ଖଇରା ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା, ସରପଞ୍ଚ ବାସନ୍ତୀଲତା ମହାନ୍ତି, ସମିତିସଭ୍ୟା ଛବିଲତା ମହାପାତ୍ର, ଆଲୁମିନି ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି ଓ ପରିଚାଳନା କମିଟି ସଭାପତି ରାଧାଶ୍ୟାମ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ନିରଞ୍ଜନ ଦାଶ ବିବରଣୀ ପାଠ ଓ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଖଇରା,୨୩।୧
(ଉତ୍କଳବନ୍ଧୁ ପଣ୍ଡା)

ଆଦର୍ଶ ଶିକ୍ଷକ ଭାବେ ଘରେ ଘରେ ପରିଚିତ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତେନ୍ତୁଳିଆ ଗ୍ରାମର ଅର୍ଜୁନ ଚରଣ ବେହେରା(୮୪) ମଙ୍ଗଳବାର ରାତିରେ ଆଖିବୁଜିଛନ୍ତି । କେନ୍ଦୁଝର ଜିଲାର ରାଜନଗର, ନନ୍ଦିପଦା ଓ ବାଲିବରେଇ ଆଦି ହାଇସ୍କୁଲରୁ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ତେନ୍ତୁଳିଆ ଜନ୍ମଭୂମିରେ ରହି ବିଭିନ୍ନ ସଙ୍ଗଠନର ଉନ୍ନତି ନିମନ୍ତେ କାର୍ଯ୍ୟ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘ କୁପାରୀ, ବରିଷ୍ଠ ନାଗରିକ ମଞ୍ଚ, ଦର୍ଶନପ୍ରସାଦ ହାଇସ୍କୁଲ ପୁରାତନ ଛାତ୍ର ପରିଷଦ ଭଳି ସଙ୍ଗଠନରେ ରହି ତାଙ୍କର ସାଙ୍ଗଠନିକ ଚିନ୍ତାଧାରାକୁ ପ୍ରମାଣିତ କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଅଗଣିତ ଛାତ୍ରୀଛାତ୍ର, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ପରାକ୍ରମ ଦିବସରେ ବିଶାଳ ସାଇକେଲ ରାଲି


ରାମେଶ୍ୱର ମନ୍ଦିର ନିକଟରୁ ବାହାରିଥିବା ସାଇକେଲ ରାଲି।

ବାଲେଶ୍ୱର, ୨୩।୧(ବାଞ୍ଛାନିଧି ଦେ)

ସଂଗ୍ରାମୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ତଥା ପରାକ୍ରମ ଦିବସ ଅବସରରେ ରେମୁଣା ବ୍ଲକ ବାଲିଆ ରାମେଶ୍ୱର ମନ୍ଦିର ନିକଟରୁ ରେମୁଣା ମନ୍ଦିର ଛକ ପର୍ଯ୍ୟନ୍ତ ଗୁରୁବାର ଏକ ବିଶାଳ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ବାଲେଶ୍ୱର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଡିଆଇଜି ଡା. ସତ୍ୟଜିତ ନାଏକ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜପ୍ରସାଦ, ଉପଜିଲାପାଳ ପ୍ରଥମେଶ ରାଜେଶିର୍କେ ଯୋଗ ଦେଇଥିଲେ। ୮୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ସାଇକେଲ ଚଳାଇ ରାମେଶ୍ୱର ମନ୍ଦିରଠାରୁ ରେମୁଣା ମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲେ। ମନ୍ଦିର ଛକ ନିକଟରେ ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିମାନେ ଅଭିଭାଷଣ ମାଧ୍ୟମରେ ସୁବାଷ ଚନ୍ଦ୍ର ବୋଷଙ୍କ ଦେଶ ପ୍ରତି ଅବଦାନ, ତାଙ୍କ ଦେଶପ୍ରେମ ଏବଂ ଜୀବନୀ ବିଷୟରେ ପିଲାମାନଙ୍କୁ କହିଥିଲେ। ମାରାଥନରେ ଭାଗ ନେଇଥିବା ସମସ୍ତ ସ୍କୁଲକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ବାଲେଶ୍ୱର ଭାଜପା ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଗିଜର ମେଶିନ ନେଲା ମିସ୍ତ୍ରୀଙ୍କ ଜୀବନ

ବାଲେଶ୍ୱର, ୨୩।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି । ସହଦେବଖୁଣ୍ଟା ଥାନା ଅଧୀନ ୩୧ ନଂ. ୱାର୍ଡ ଅରଡ଼ବଜାର ନିକଟ ବାଲିବିଲ ଗ୍ରାମର ପ୍ରାଣକୃଷ୍ଣ ବେହେରାଙ୍କ ଘରେ ଗିଜର ମେଶିନ ସଜାଡିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମିସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ମୃତ ମିସ୍ତ୍ରୀ ହେଲେ ସିଂଲା ଥାନା ସାର୍ଥା ଅଞ୍ଚଳର ଅଚିନ୍ତ ବେହେରା(୩୯)। ସେ ଗିଜର ମେଶିନ ସଜାଡିବା ବେଳେ ଅସାବଧାନତାରୁ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଥାନାଧିକାରୀ ଜୟନ୍ତ ବେହେରା ପୋଲିସ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୫) ରୁଜୁ ହୋଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରଖିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ସୋର ନାଗରିକ ମଞ୍ଚର ବନ୍ଧୁମିଳନ

ସୋର, ୨୩।୧(ଜନ୍ମେଜୟ ମିଶ୍ର)

ସୋର ନାଗରିକ ମଞ୍ଚର ପରିବର୍ଦ୍ଧିତ ବନ୍ଧୁମିଳନ ଉତ୍ସବ ଅବସରପ୍ରାପ୍ତ କର୍ମଚାରୀ ଭବନ ସୋରଠାରେ ଅନୁଷ୍ଠିତ ହୋଇଯାଇଛି। ସୋର ବିଧାୟକ ମାଧବଚନ୍ଦ୍ର ଧଡ଼ା, ଜିଲା ପରିଷଦ ସଦସ୍ୟ ଜୟରାମ ଦାସ ଯୋଗଦେବା ସହ ବକ୍ତବ୍ୟରେ ମଞ୍ଚ ଗଠନ ହେବାଠାରୁ ଜନସାଧାରଣଙ୍କର ସାମୂହିକ ସମସ୍ୟାଗୁଡ଼ିକୁ ବିଭାଗୀୟ ପ୍ରଶାସନଠାରେ ଉପସ୍ଥାପନ କରିବା ସହ ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଆସିଛି ବୋଲି ମତବ୍ୟକ୍ତ କରିଥିଲେ। ଉପସ୍ଥିତ ମଞ୍ଚର ବରିଷ୍ଠ ଉପସଭାପତି ନବକିଶୋର ଦାସଙ୍କ ପ୍ରସ୍ତାବକ୍ରମେ ୧୬ନମ୍ବର ଜାତୀୟ ରାଜପଥର କଲେଜ ଛକ ଓ ଉତ୍ତରେଶ୍ୱର ଗଳାପୋଲ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ନ କଲେ, ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବାକୁ ନାଗରିକ ମଞ୍ଚ, ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ଦେଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିବାରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଚଳିତମାସ ୨୪ତାରିଖରେ କାର୍ଯ୍ୟରତ ନିର୍ମାଣ କମ୍ପାନୀ ବ୍ରିଜଗୋପାଲ କନଷ୍ଟ୍ରକଶନର ଦହିସଡା ଅଫିସ ସମ୍ମୁଖରେ ମଞ୍ଚର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଗୁରୁତ୍ୱ ଦେଇଥିଲେ। ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ମଞ୍ଚର ସମ୍ପାଦକ ନରହରି ନାୟକ ଗତବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଉତ୍ସବରେ ମଞ୍ଚର ସଦସ୍ୟ ଗଙ୍ଗାଧର ପାଢ଼ୀ, ରବୀନ୍ଦ୍ର କୁମାର ଦାସ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ତିଆଡ଼ି, ମନୋଜ କୁମାର ରାୟ, ଇଂ. ଦିବାକର ଦଳାଇ, ପଞ୍ଚାନନ ଶିଅଳ, ଟେମେଇ ଦାସ, ଲମ୍ବୋଦର ମିଶ୍ର, ଅଦ୍ୱୈତ କୁମାର କର, ପ୍ରଦୀପ କୁମାର ଦାଶ, ଦାମୋଦର ଦାଶ ମହାପାତ୍ର, ପ୍ରଫୁଲ୍ଲ ଷଡ଼ଙ୍ଗୀ, ଖଗେନ୍ଦ୍ର ପ୍ରଧାନ, କଟଚନ୍ଦ୍ର ବେହେରା, ରବିନାରାୟଣ ନନ୍ଦ, ଭଗବାନ ମହାପାତ୍ର, ଶ୍ୟାମସୁନ୍ଦର ମହାନ୍ତି, ଉଦ୍ଧବ ଚରଣ ବିଶ୍ୱାଳ, ପଦ୍ମଲୋଚନ ପାତ୍ର, ଜିତେନ୍ଦ୍ର ଦାଶ, ପଙ୍କଜକୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମଞ୍ଚର ବରିଷ୍ଠ ସଦସ୍ୟ ମାୟାଧର ନାୟକ ଧନ୍ୟବାଦ ଦେଇଥିଲେ।

# ‘ଚରିତ୍ର ଗଠନ ଶିକ୍ଷାର ମୂଳମନ୍ତ୍ର’



ପୁରାତନ ଛାତ୍ର କହ୍ନେଇ ଚରଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସିମୁଳିଆ, ୨୨।୧(ସନ୍ତୋଷ ନାୟକ)

ବାଲିଖଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ୬୫ତମ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଥିଲା । ଆମନ୍ତ୍ରିତ ଅତିଥିଗଣ ବିଦ୍ୟାଳୟ ପରିସରରେ ଥିବା ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦିବସବ୍ୟାପୀ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଆଲେଖିକା ଜେନାଙ୍କ ସଭାପତିତ୍ୱରେ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ବିଧାୟକ ପଦ୍ମଲୋଚନ ପଣ୍ଡା ଉତ୍ସବର ଉଦ୍‌ଘାଟନ କରିଥିଲେ। ବିଧାୟକ ଏହି ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ହୋଇଥିଲେ ହେଁ ଗତ ୬୫ବର୍ଷ ଧରି ଏହି ବିଦ୍ୟାଳୟର

### ବାଲିଖଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରୂପରେଖ ବଦଳିନାହିଁ, ପୁରୁଣା ଭଙ୍ଗା କାନ୍ଥ ଓ ଟିଣଛପର ତଳେ ବାଲିଖଣ୍ଡ ବିଦ୍ୟାଳୟର ଶିକ୍ଷାଦାନ କାର୍ଯ୍ୟକ୍ରମ ଚାଲୁଅଛି, ଛାତ୍ରୀଛାତ୍ରମାନଙ୍କୁ ପକ୍କା ଶ୍ରେଣୀଗୃହ ଯୋଗାଇଦେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର ଦାବି ଉପସ୍ଥାପନ କରିଥିଲେ। ବିଧାୟକ ନିଜ ବକ୍ତବ୍ୟରେ ସଭାପତିଙ୍କ ଦାବି ପୂରଣ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ରୂପେ ଖୋର୍ଦ୍ଧା କଲେଜର ଅର୍ଥନୀତି ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଶେଖର ପରିଡା ବିବେକାନନ୍ଦ, ଚାର୍ଲିଚାପଲିନ ଆଦି ମହାପୁରୁଷଙ୍କ ଉଦାହରଣ ଦେବା ସହିତ ଚରିତ୍ର ଗଠନ ଶିକ୍ଷାର ମୂଳମନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ଅବସରପ୍ରାପ୍ତ ଭାରତୀୟ ପ୍ରତିରକ୍ଷା ବିଭାଗୀୟ କର୍ମଚାରୀ କହ୍ନେଇ ଚରଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କହ୍ନେଇ ଚରଣ ନିଜ ବକ୍ତବ୍ୟରେ ବଡ ମଣିଷ ନୁହେଁ ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦେଇଥିଲେ। ଏହି ଅବସରରେ କ୍ରୀଡା, ଶିକ୍ଷା ସହିତ ବିଭିନ୍ନ ବର୍ଗରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅନିଲ କୁମାର ନାୟକ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ସୁଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩୧ରୁ ଉତ୍ସବ ଉତ୍ତର ଓଡ଼ିଶା

ବାଲେଶ୍ୱର, ୨୩।୧(ବାଞ୍ଛାନିଧି ଦେ)

‘ଉତ୍ସବ’ ଉତ୍ତର ଓଡ଼ିଶା ପରିଷଦ ଆନୁକୂଲ୍ୟରେ ଆସନ୍ତା ୩୧ରୁ ଫେବୃଆରୀ ୪ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଉତ୍ତର ଓଡ଼ିଶାର ୪ ଜିଲାକୁ ନେଇ ପ୍ରଥମଥର ପାଇଁ ଏକ ବ୍ୟାପକ ମହୋତ୍ସବ ଅନୁଷ୍ଠିତ ହେବ। ଉତ୍ତରଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, କେଉଁଝର ଓ ଭଦ୍ରକ ଜିଲାର ଐତିହ୍ୟ, ପରମ୍ପରା, କଳା, ସଂସ୍କୃତି, ଭାଷା ସାହିତ୍ୟ, ଖାଦ୍ୟାଭ୍ୟାସକୁ ଆଦିକୁ ନେଇ ୫ଦିନ ବ୍ୟାପୀ ଏହି ଉତ୍ସବ ଅନୁଷ୍ଠିତ ହେବ। ୪ଟି ଜିଲାରୁ ବିଭିନ୍ନ କ୍ଷେତ୍ରରେ ରାଜ୍ୟ, ରାଷ୍ଟ୍ରୀୟ ତଥା ଅନ୍ତର୍ଜାତୀୟସ୍ତରରେ ଉତ୍ତରଓଡ଼ିଶାକୁ ଗର୍ବିତ କରିଥିବା ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯିବ ଓ ସମାଜର ବିଭିନ୍ନ ବର୍ଗରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ନେଇ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ଭାଷା ସାହିତ୍ୟ ବିଷୟ ଉପରେ ଆଲୋଚନାଚକ୍ର ପ୍ରତ୍ୟହ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ପ୍ରତି ଜିଲାର ପାରମ୍ପରିକ ଲୋକନୃତ୍ୟ, କଳା, ଖାଦ୍ୟପେୟ ଆଦି ପ୍ରଦର୍ଶନ ଓ ପରିବେଷଣ ହେବ ବୋଲି ଉତ୍ସବ ଉତ୍ତର ଓଡିଶାର ସଭାପତି



ଉତ୍ସବ ପୋଷ୍ଟରକୁ ଉନ୍ମୋଚନ କରାଯାଉଛି।

### ଭାଗନେବେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେଉଁଝର ଜିଲା

ସଂଗ୍ରାମ ଦାସଙ୍କ ଅଧ୍ୟକ୍ଷତାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

ଏହି ୫ ଦିନର ମହୋତ୍ସବ ମଞ୍ଚକୁ ପ୍ରତ୍ୟେକ ଦିନ ଉତ୍ତର ଓଡ଼ିଶାର ମହାମନୀଷ ଯଥା ବ୍ୟାସକବି ଫକୀରମୋହନ ସେନାପତି, ପଣ୍ଡିତ ରଘୁନାଥ ମୁର୍ମୁ, ବିପ୍ଳବୀ ଧରଣୀଧର ନାୟକ, ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବ ଏବଂ ଶହୀଦ ବାଘାଯତୀନଙ୍କ ନାମରେ ଉତ୍ସର୍ଗ କରାଯିବ। ଏହି ଅବସରରେ ଉତ୍ସବର ପୋଷ୍ଟର ଉନ୍ମୋଚିତ ହୋଇଥିଲା। ପ୍ରତି ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ପାଇଁ ମୟୂରଭଞ୍ଜ ପ୍ରସିଦ୍ଧ ଛଉ, କେଉଁଝର ପ୍ରସିଦ୍ଧ ସାନ୍ତାଳୀ ନୃତ୍ୟ, ଭଦ୍ରକ ପ୍ରସିଦ୍ଧ ମୋଗଲ ତାମସା ଓ ବାଲେଶ୍ୱର ପ୍ରସିଦ୍ଧ ଚଢିଆ ନାଚ ଆଦି ଲୋକନୃତ୍ୟ ପରିବେଷଣ ହେବା ସହ ସଂଗୀତ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ପାଇଁ ବଲିଉଡ୍, ଓଲିଉଡ୍ କଳାକାର ସଂଗୀତ ପରିବେଷଣ କରି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବା କାର୍ଯ୍ୟକ୍ରମ ସ୍ଥିରୀକୃତ କରାଯାଇଛି। ଏହି ସମ୍ମିଳନୀରେ ଡା. ଅମିତାଭ ଗିରି, କେଉଁଝର ପ୍ରତିନିଧି ଡ. ସଞ୍ଜୀବ କୁମାର ହୋତା, ମୟୂରଭଞ୍ଜ ପ୍ରତିନିଧି ଯୋଗେଶ ଅଗ୍ରୱାଲ, ଭଦ୍ରକ ପ୍ରତିନିଧି କୈଳାଶ ଚନ୍ଦ୍ର ମହାପାତ୍ର, ମିଡ଼ିଆ କୋଡିନେଟର ରଞ୍ଜନ ବାଗ, ବିକାଶ ଦାସ, ଧୀରେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ ମୁରୁସୁଆଁର ଶିବ ମନ୍ଦିର ନିକଟରେ ଥିବା ସ୍ୱର୍ଗତ ବିରଞ୍ଚି ପାତ୍ରଙ୍କ ପୋଖରୀରେ ବୁଧବାର ସନ୍ଧ୍ୟାରେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ପୁନିଆ ନାଏକ (୨୫)। ମଙ୍ଗଳବାରଠାରୁ ସେ ନିଖୋଜ ଥିଲେ। ଗୁରୁବାର ପୋଖରୀରୁ ମୃତଦେହ ଉଦ୍ଧାର ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪/୨୫) ରୁଜୁ ହୋଇଛି।

କେନ୍ଦୁଝର

# ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

ଢେଙ୍କିକୋଟ,୨୩।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଢେଙ୍କିକୋଟ ଫରେଷ୍ଟ ସେକ୍ସନ ଖଣ୍ଡଘର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାସିବେଢ଼ା ଗ୍ରାମରେ ବୁଧବାର ରାତିରେ ଏକ ଗୋଠଛଡ଼ା ଦନ୍ତାହାତୀ ତାଣ୍ଡବ ରଚିଛି। ଗ୍ରାମର ଦୟାନିଧି ନାୟକଙ୍କ ଘର କାନ୍ଥ ଭାଙ୍ଗିବାରୁ ୬ଟି କୁକୁଡ଼ା ମରିଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘର ଭିତରେ ଥିବା ଏକ ବସ୍ତା ଚାଉଳ ଦନ୍ତା ଟେକି ନେଇ ଖାଇଦେଇଛି। ଅତି ଗରିବ ପରିବାରର ଦୟାନିଧି ଚଳିତ ବର୍ଷ ଧାନ, ଚାଉଳ ସଂଗ୍ରହ କରି ରଖିଥିବା ବେଳେ ହାତୀ ଖାଇ ଦେବାରୁ ପିଲା ଭୋକ ଉପବାସରେ ରହିବେ ବୋଲି ଦୁଃଖର ସହ କହିଛନ୍ତି। ଦୟାନିଧିଙ୍କ ପରିବାର ଲୋକଙ୍କ ପାଟି ଶୁଣି ଗ୍ରାମବାସୀ ପହଞ୍ଚି ନିଆଁ ହୁଳା ଓ ବାଣ ଫୁଟାଇବାରୁ ଦନ୍ତାଟି ସେଠାରୁ ପଳାଇଥିଲା। ଗତବର୍ଷ ମଧ ଏକ ଦନ୍ତା ଦୟାନିଧିଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଯାଇଥିଲା। ମାତ୍ର ଢେଙ୍କିକୋଟ ଫରେଷ୍ଟ କିମ୍ବା ଘଟଗାଁ ରେଞ୍ଜରଙ୍କ ପକ୍ଷରୁ କୌଣସି ସରକାରୀ ସହାୟତା ମିଳିପାରି ନ ଥିବା ସେ କହିଛନ୍ତି। ଖବରପାଇ ଖଣ୍ଡଘର ସରପଞ୍ଚ ଗୁରୁବାର ସକାଳେ ଦୟାନିଧିଙ୍କ ଘରେ ପହଁଞ୍ଚି ସହାୟତା ଯୋଗାଇ ଦେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଢେଙ୍କିକୋଟ ଫରେଷ୍ଟର ସନ୍ତୋଷ ବେହେରାଙ୍କୁ ପଚାରିବାରୁ ହାତୀ ଦୟାନିଧିଙ୍କ ଘର



ଭଙ୍ଗା ଘର ସମ୍ମୁଖରେ ଦୟାନିଧି।

### କାନ୍ଥପଡ଼ି ୬ କୁକୁଡ଼ା ମଲେ

ଭାଙ୍ଗି ଚାଉଳ ଓ ଧାନ ଖାଇଛି। ଘଟଣାର ତଦନ୍ତ ସାରିଛି। ସରକାରଙ୍କ ତରଫରୁ ତାଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ଢେଙ୍କିକୋଟ ଫରେଷ୍ଟ ସେକ୍ସନ ଅଧୀନ ଭୋଲବେଢ଼ା ଗ୍ରାମ ପଞ୍ଚାୟତ ରଙ୍ଗାମାଟିଆ ସାହି ହୁଡ଼ିରେ ଗୋଠ ଛଡ଼ା ଦନ୍ତା ଅଛି ଏବଂ ୧୨ ଟିକିଆ ହାତୀ ପଲ ପୁରୁମୁଣ୍ଡା ଗ୍ରାମ ପଞ୍ଚାୟତ ଜୁଆଙ୍ଗ ଜନଜାତି ବସତି ବାରବାଙ୍କ ସଂରକ୍ଷିତ ଜଙ୍ଗଲ ଗୟଳ ମୁଣ୍ଡାଠାରେ ଅଛନ୍ତି। ସେମାନଙ୍କ ଗତିବିଧି ଉପରେ ଜଙ୍ଗଲ ବିଭାଗ ନଜର ରଖିଛି ବୋଲି ଫରେଷ୍ଟର କହିଛନ୍ତି।

## ଧରାପଡ଼ିବା ଭୟରେ କରୁନାହାନ୍ତି ଇ-କେୱାଇସି

ହାଟଡିହୀ,୨୩।୧(ଶୁଭକାନ୍ତ ନାୟକ)

ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀମାନେ ଇ-କେୱାଇସି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଚଳିତ ମାସ ୩୧ ତାରିଖକୁ ଶେଷ ସମୟସୀମା ରଖାଯାଇଛି। ସମୟ ଅବଧି ସରି ଆସୁଥିବା ବେଳେ କେନ୍ଦୁଝର ଜିଲାର ହାଟଡିହୀ ବ୍ଲକରେ ବହୁ ହିତାଧିକାରୀ ଏଯାଏ ଇ-କେୱାଇସି କରିନାହାନ୍ତି। ଏହି ବ୍ଲକର ୩୧ ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୧ ଲକ୍ଷ ୫୫ ହଜାର ୬୯୦ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୩୦ ହଜାର ହିତାଧିକାରୀ ଇ-କେୱାଇସି କରିଥିବା ବେଳେ ଅବଶିଷ୍ଟ ୨୫ ହଜାର ୬୯୦ଜଣ ଅଦ୍ୟାବଧି ଇ-କେୱାଇସି

### ବ୍ଲକ୍‌ରେ ବାକି ଅଛନ୍ତି ୨୫ ହଜାର ହିତାଧିକାରୀ

କରି ନ ଥିବା ଜଣାପଡ଼ିଛି। କିଛି ଅଯୋଗ୍ୟ ହିତାଧିକାରୀ ଧରାପଡ଼ିବା ଭୟରେ ଇ-କେୱାଇସି କରୁ ନ ଥିବା କୁହାଯାଉଛି। ଏହି ବ୍ଲକ୍‌ରେ ୫୧୪ଜଣ ଅଯୋଗ୍ୟ ନେଇ ଏକ ତାଲିକା ପ୍ରକାଶ ପାଇଥିବା ବେଳେ ତଦନ୍ତ ପରେ ପ୍ରକୃତ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହେବେ। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ସତ୍ୟନାରାୟଣ ପଟ୍ଟନାୟକ କହିଛନ୍ତି, ହିତାଧିକାରୀମାନେ ଇ-କେୱାଇସି କରିବା ପାଇଁ ବିଭିନ୍ନ ପଞ୍ଚାୟତରେ ମାଇକ୍ ବୁଲାଇ ପ୍ରଚାର କରାଯାଉଛି। ବିଭିନ୍ନ ପଞ୍ଚାୟତକୁ ପରିଦର୍ଶନରେ ଯାଇ ହିତାଧିକାରୀଙ୍କୁ ଭେଟି ଇ-କେୱାଇସି କରାଯାଉଛି।

## ଇ-କେୱାଇସିରେ ଧରାପଡୁଛନ୍ତି ଅଯୋଗ୍ୟ

ବଡ଼ବିଲ, ୨୩।୧(ଦେବପ୍ରିୟ ରଣା)

### ତାଲିକାରେ ୧୩ ସରକାରୀ କର୍ମଚାରୀ

ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ଇ-କେୱାଇସି ବାଧ୍ୟତାମୂଳକ କରାଯିବା ପରେ ଏହା ମାଧ୍ୟମରେ ଅଯୋଗ୍ୟମାନେ ଧରାପଡୁଛନ୍ତି। କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳର ୧୫ ୱାର୍ଡ ମଧ୍ୟରୁ ୯ ୱାର୍ଡରେ ରାଶନ କାର୍ଡ ଇ-କେୱାଇସି ପ୍ରକ୍ରିୟା ଜାରି ରହିଥିବା ବେଳେ ୧୩ଜଣ ସରକାରୀ କର୍ମଚାରୀଙ୍କ ନାମ ତାଲିକାଭୁକ୍ତ ହୋଇଛି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୩ ଖାଦ୍ୟ ସୁରକ୍ଷା ଆଇନ ବଳରେ ପ୍ରାୟ ୧୩,୪୦୦ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ରାଶନ କାର୍ଡ ପ୍ରସ୍ତୁତି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପାତର ଅନ୍ତର ନୀତି ଯୋଗୁ ବହୁ ଯୋଗ୍ୟ ଏହି ସୁବିଧାରୁ ବଞ୍ଚିତ ହୋଇଥିବାବେଳେ ଅନେକ ଅଯୋଗ୍ୟ ହିତାଧିକାରୀ ସରକାରଙ୍କ ଏହି ସୁବିଧାର ବେଶ୍ ଲାଭ ଉଠାଇଥିବା ଜଣାପଡ଼ିଛି। ଇ-କେୱାଇସି ବାଧ୍ୟତାମୂଳକ କରାଯିବା ଯୋଗୁ ଅଯୋଗ୍ୟମାନେ ଧରାପଡ଼ିବାରେ ଲାଗିଛନ୍ତି। ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବା ବେଳେ ବଡ଼ବିଲ ପୌରାଞ୍ଚଳରୁ ଏଯାବତ୍ ୯ ୱାର୍ଡରେ ୧୩ଜଣ ସରକାରୀ ଚାକିରିଆଙ୍କ ୪୨ ସଦସ୍ୟଙ୍କ ନାଁ ତାଲିକାଭୁକ୍ତ ଅଛନ୍ତି। ସେଥିମଧ୍ୟରୁ ଅଧିକାଂଶ ଶିକ୍ଷା ବିଭାଗରୁ ବୋଲି ଜଣାପଡ଼ିଛି। ସରକାରୀ ଚାକିରିଆଙ୍କ ବ୍ୟତୀତ ଅନେକ ଆୟକର ପ୍ରଦାନକାରୀ, ଚାରିଚକିଆ, ଭାରିଯାନ ମାଲିକାନା ଓ ଏସି ବ୍ୟବହାରକାରୀଙ୍କ ସଂଖ୍ୟା ଗଣନା ହୋଇପାରି ନ ଥିବାବେଳେ ଆଗକୁ ଅନେକ ଅଯୋଗ୍ୟ ବାହାରିବେ ବୋଲି କୁହାଯାଉଛି।

## ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା ଶିବିର




ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ରମାନେ।

ଆନନ୍ଦପୁର,୨୩।୧ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ କୋଲିମାଟିସ୍ଥିତ କୋଲିମାଟି ଆଶ୍ରମ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ସହିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କୁ ନେଇ ଚାରା ରୋପଣ ଓ ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ନିକଟସ୍ଥ ଗ୍ରାମରେ ଏକ ଶୋଭାଯାତ୍ରାରେ ସାମିଲ ହୋଇ ମଣିଷ-ହାତୀ ବିବାଦ ଏବଂ ପରିବେଶ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ଆୟୋଜନ କରିଥିଲେ। ଏଥିରେ ସାମାଜିକ କର୍ମୀ ରାଜ କିଶୋର ବାରିକ, ପ୍ରସନ୍ନ ନାହାକ ଏବଂ ରଞ୍ଜିତ ନାୟକ ସହଯୋଗ କରିଥିଲେ। ନିଜର ଜନ୍ମ ଦିନରେ ଅତି କମରେ ଗୋଟିଏ ଗଛ ଲଗାଇବା ଏବଂ ତାହାର ଯତ୍ନ ନେବାପାଇଁ ସାହୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

## ଛଡିଆରେ ମାଘେ ପରବ ଉଦ୍‌ଘାଟିତ

ଢେଙ୍କିକୋଟ, ୨୩।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସାନ୍ତରାପୁର ପଞ୍ଚାୟତ ଛଡିଆ ଗ୍ରାମ ମୁଣ୍ଡାସାହିରେ ଗୁରୁବାର ଅପରାହ୍ନରେ ଆଦିବାସୀ ପରମ୍ପରା, ବିର୍ସା ମୁଣ୍ଡାଙ୍କ ଉଦ୍ଦେଶ୍ୟରେ ମାଘେ ପରବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲା ଏମ୍‌ପି ପ୍ରତିନିଧି ଅଖିଳ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ଘଟଗାଁ ବ୍ଲକର ପୂର୍ବତନ ଜିଲା ପରିଷଦ ସଦସ୍ୟ ରଣଜିତ୍ ନାୟକ, ସମ୍ମାନନୀୟ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ରାମଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଛଡିଆ ଗ୍ରାମର ମାଘେ ପରବ କମିଟିର ସମସ୍ତ ସଦସ୍ୟ, କର୍ମକର୍ତ୍ତା ଅତିଥିମାନଙ୍କୁ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ମାଦଳର ତାଳେ ତାଳେ ନାଚି ନାଚି ଗାଁମୁଣ୍ଡରୁ ପାଛୋଟି ନେଇଥିଲେ। ଅତିଥିମାନେ ଅଭିଭାଷଣରେ ଓଡ଼ିଆ ଅସ୍ମିତାକୁ ଆଉ କେହି ଆମ ପାଖରୁ ଛଡେଇ ନେଇପାରିବେ ନାହିଁ। ମାଘେ ପରବକୁ ଧୁମ୍‌ଧାମ୍‌ରେ ପାଳନ କରନ୍ତୁ ବୋଲି କହିଥିଲେ। ମାଘେ ପରବ କମିଟି ସଭାପତି ଟୁନା ମୁଣ୍ଡାଙ୍କ ଉଦ୍ୟମରେ ଆୟୋଜିତ ପରବରେ ଘଟଗାଁ ବ୍ଲକର ୨୭ପଞ୍ଚାୟତର ମୁଣ୍ଡା ସମ୍ପ୍ରଦାୟର ଭଉଣୀ ଭାଇ ଉପସ୍ଥିତ ହୋଇ ସେମାନଙ୍କ ନୃତ୍ୟ ପରିବେଷଣ କରିବେ ବୋଲି ପ୍ରକାଶ କରିଛନ୍ତି। ସମ୍ପାଦକ ଚଗୁଲୁ ମୁଣ୍ଡାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟା, ସଦସ୍ୟ ସହଯୋଗ କରି ଉଦ୍‌ଘାଟନୀ ସଭାକୁ ସମ୍ପାଦକ ଚଗୁଲୁ ମୁଣ୍ଡା ସଭା ପରିଚାଳନା କରିଥିଲେ। ସାମାଜିକ କର୍ମୀ ଆନନ୍ଦଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ବେଗନା ଏକାଦଶ ଚାମ୍ପିୟନ

ପାଟଣା,୨୩।୧(ବୀର କିଶୋର ଦାଶ)

ପାଟଣା ବ୍ଲକ ମିରିଗିଖୋଜି ପଞ୍ଚାୟତ କଟାବେଡା ମା' ତାରିଣୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ସନ୍ଧ୍ୟା ୭ଟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ ଟିମ୍ ଭାଗ ନେଇଥିଲେ। ଫାଇନାଲରେ ମୂଷାଖରୀ ଏକାଦଶକୁ ହରାଇ ବେଗନା ଏକାଦଶ ଟିମ୍ ଚାମ୍ପିୟନ ହୋଇଛି। ଅମ୍ପାୟାର ଭାବେ ଜାଭିର ଖାନ ଓ ବିଭୁପ୍ରସାଦ ମହାନ୍ତ ଖେଳ ପରିଚାଳନା କରିଥିଲେ। ଭୁବନ ମହାନ୍ତ ଓ ଲୋକନାଥ ମହାନ୍ତ ଧାରା ବିବାରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ, ଖବରଦାତା ବିଜୟ ରତ୍ନ ପତି , ମୁଖ୍ୟବକ୍ତା କାହ୍ନୁଚରଣ ମହାନ୍ତ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମନମୋହନ ବେହେରା, ରାଜସ୍ୱ ନିରୀକ୍ଷକ ରମାକାନ୍ତ ମହାନ୍ତ, ଖବରଦାତା ରଞ୍ଜନ କୁମାର ବାରିକ, ଦଶରଥ ବାରିକ ଓ ଭୁତ ମହାନ୍ତ ଯୋଗ ଦେଇଥିଲେ। ଚାମ୍ପିୟନ ଟିମ୍‌କୁ ନଗଦ ୧୦ହଜାର ଟଙ୍କା, ମାନପତ୍ର ସହ ଟ୍ରଫି ଏବଂ ରନର୍ସଅପ୍‌କୁ ନଗଦ ୭ ହଜାର ଟଙ୍କା, ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବ୍‌ର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।




ବିଜୟୀ ଟିମ୍‌କୁ ପୁରସ୍କୃତ କରାଯାଉଛି।

## ନେତାଜୀ ଥିଲେ ଅସାଧାରଣ ଯୋଦ୍ଧା



ନେତାଜୀ ଜୟନ୍ତୀରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

କେନ୍ଦୁଝର, ୨୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାରତୀୟ ମୁକ୍ତି ସଂଗ୍ରାମର ମହାନ ଯୋଦ୍ଧା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ସିଁଜି ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ଗ୍ଲୋବାଲ ସ୍କୁଲ, କେନ୍ଦୁଝର ବିଦ୍ୟାମନ୍ଦିର, କେନ୍ଦୁଝର ହାଏର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର ଡିଗ୍ରୀ କମର୍ସ କଲେଜ ଏବଂ କେନ୍ଦୁଝର ପ୍ରଫେଶନାଲରେ କଲେଜର ଚେୟାରମ୍ୟାନ ରୋଟାରିୟାନ ରାଜେନ୍ଦ୍ର କୁମାର ପଲେଇଙ୍କ ତତ୍ତ୍ୱାବଧାନରେ ଶିକ୍ଷା ନିକେତନ ଏବଂ ନିଉ କଲୋନୀରେ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ସମସ୍ତ ଛାତ୍ରଛାତ୍ରୀଙ୍କୁ ନେତାଜୀଙ୍କୁ ଫୁଲ ଚନ୍ଦନ, ଧୂପଦୀପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର ଉଦ୍‌ବୋଧନ ଦେଇ ନେତାଜୀ ଭବିଷ୍ୟତରେ ଜଣେ ମହାନ ଦେଶ ଭକ୍ତ ହେବେ ବୋଲି ପିଲାଟି ଦିନରୁ ଜଣା ପଡିଯାଇଥିଲା । ଜନ୍ମମାଟି ଓଡିଶା ତାଙ୍କୁ ଦେଶ ପ୍ରେମର ତ୍ୟାଗ ଓ ବଳିଦାନ ଶିଖାଇଥିଲା। ଶିକ୍ଷା ବିଭାଗର ଅଧ୍ୟାପକ କୃଷ୍ଣଚନ୍ଦ୍ର ମହାନ୍ତି ନେତାଜୀଙ୍କୁ ଭାରତୀୟ ମୁକ୍ତି ସଂଗ୍ରାମର ଜଣେ ଅବିସ୍ମରଣୀୟ ଦେଶ ଭକ୍ତ ରୂପେ ବର୍ଣ୍ଣନା କରି ପିଲାଟି ଦିନରୁ ତାଙ୍କ ସ୍ୱାଭିମାନ ପୌରୁଷର ଝଲକ ଦେଖିବାକୁ ମିଳିଥିଲା। କଲେଜ ଅଧ୍ୟାପକ ଚିନ୍ମୟ ପ୍ରଧାନ, ରଣଜିତ ସାମଲ, ପଙ୍କଜ ମହାନ୍ତ, ଜ୍ଞାନରଞ୍ଜନ ନାଏକ, ତନବୀର ଆଲାମ, ସୁବ୍ରତ ସେଠୀ ଏବଂ ଅଧ୍ୟାପିକା ନିକିତା ପଲେଇ, ମନ୍ଦାକିନୀ ପ୍ରଧାନ, ପୂଜା ଅର୍ଚ୍ଚନା ମିଶ୍ର, ସ୍ୱପ୍ନାରାଣୀ ମହାନ୍ତ, ଦୀପାଶଙ୍କର ଏବଂ ଅସ୍ମିତା ସ୍ୱାଇଁ ନେତାଜୀଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅନନ୍ୟ ଅସାଧାରଣ ଯୋଦ୍ଧା ଭାବେ ବର୍ଣ୍ଣନା କରିବା ସହିତ ଭାରତୀୟମାନଙ୍କର ଜଣେ ମହାନ ଜନନେତା ବୋଲି ପିଲାମାନଙ୍କୁ ବୁଝାଇଥିଲେ। ପିଲାମାନଙ୍କ ତରଫରୁ ରୋପ୍ୟପ୍ରଭା, ମୀନାକ୍ଷୀ, ରୁଚିକା, ପାର୍ଥ, ଅଭିଷେକ, ରୋହିତ, ରାଜୀବ, ଆସ୍ଥା, ଗଣେଶ, ସୋମାଇ ମୁର୍ମୁ ଏବଂ ସ୍ୱସ୍ତିକ ଦାଶ ନେତାଜୀଙ୍କ ବଳିଦାନ ଏବଂ ଦେଶକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନର ଲକ୍ଷ୍ୟ ଭାରତୀୟ ଇତିହାସରେ ଚିରକାଳ ଅବିସ୍ମରଣୀୟ ହୋଇରହିବ।

## ଜିନ୍ଦଲ ଫାଉଣ୍ଡେଶନ, ତାରିଣୀ ଫୁଟବଲ୍ ଏକାଡେମୀ ବିଜୟୀ

କେନ୍ଦୁଝର,୨୩।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଜିଲା କ୍ରୀଡ଼ା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସିଏମ୍ କପ୍ ଆନ୍ତଃ କ୍ଲବ ଫୁଟବଲ ଟୁର୍ନାମେଣ୍ଟର ଅଷ୍ଟମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ଏ ' ଏବଂ ରାଇଜିଂ ଷ୍ଟାର କ୍ଲବ, ରାଇକଳା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଖେଳରେ ଜିନ୍ଦଲ ଫାଉଣ୍ଡେସନ ରାଇଜିଂ ଷ୍ଟାର କ୍ଲବ ବିପକ୍ଷରେ ୩-୦ ଗୋଲରେ ଏକ ସହଜସାଧ୍ୟ ବିଜୟ ହାସଲ କରିଥିଲା। ଜିନ୍ଦଲ ପକ୍ଷରୁ ବିକାଶ ମୁଣ୍ଡା, ଆୟୁଷ ବାବାଙ୍ଗା ଓ ଯଶୋବନ୍ତ ବେହେରା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ ।

ସେହିପରି ଗୁରୁବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଖେଳରେ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ସାଗୁଇ କ୍ଲବ ବର୍ଦ୍ଧନା ବିପକ୍ଷରେ ୧-୦ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ହାସଲ କରିଛି। ପ୍ରଥମାର୍ଦ୍ଧର ୩୩ତମ ମିନିଟରେ ତାରିଣୀ ଫୁଟବଲ ଏକାଡେମୀର ୧୦ ନମ୍ବର ଖେଳାଳି ଲିଭାସ ରଞ୍ଜନ ମହାକୁଡ଼ ଦଳ ପକ୍ଷରୁ ବିଜୟ ସୂଚକ ଗୋଲଟି ସ୍କୋର କରିବା ସହ ଦଳକୁ ପୁରା ପଏଣ୍ଟ ମିଳିବାରେ ମୁଖ୍ୟ ଭୂମିକା ନେଇଥିଲେ। ଜିଲା କ୍ରୀଡ଼ା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶ ଏବଂ କୋଷାଧ୍ୟକ୍ଷ ସରୋଜ କୁମାର ରଣା ପ୍ରମୁଖ ପଡିଆରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଖେଳରେ ଯତୀନ ମହାନ୍ତ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଶଙ୍କର୍ଷଣ ନାଏକ ଏବଂ ବୃନ୍ଦାବନ ମୁଣ୍ଡା ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ବେଣୁଧର ମୁଣ୍ଡା । ସେହିପରି ଦ୍ୱିତୀୟ ଖେଳରେ ଶଙ୍କର୍ଷଣ ନାଏକ ରେଫରୀ ଥିବାବେଳେ ତାଙ୍କୁ ବୃନ୍ଦାବନ ମୁଣ୍ଡା ଏବଂ ବେଣୁଧର ମୁଣ୍ଡା ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଯତୀନ ମହାନ୍ତ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବାବେଳେ କ୍ରୀଡ଼ା ନିର୍ଦ୍ଦେଶାଳୟର ଯଶପାଲ ଉର୍ମା, ବୀରେନ୍ଦ୍ର ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।



ଖେଳାଳିଙ୍କ ସହ ଅତିଥିମାନେ।

## ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବଡ଼ବିଲ,୨୩।୧(ଦେବପ୍ରିୟ ରଣା)

ନେତାଜୀ ଜୟନ୍ତୀ ଅବସରରେ ବଡ଼ବିଲ ପୌରପାଳିକା ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୦ଟାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ବିଭିନ୍ନ ୱାର୍ଡର କାଉନସିଲର ସରକାରୀ ହାଇସ୍କୁଲ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ହାଇସ୍କୁଲର ଛାତ୍ରୀଛାତ୍ର ଓ ପୌର କର୍ମଚାରୀମାନେ ଉପସ୍ଥିତ ରହି ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ବଡ଼ବିଲ ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।



ମାଲ୍ୟାର୍ପଣ ପରେ ନେତାଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସଡ଼କ ସୁରକ୍ଷା ସାଇକେଲ ରାଲି

କେନ୍ଦୁଝର,୨୩।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଗୁରୁବାର କେନ୍ଦୁଝର ସହରରେ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ରାଲିରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସରକାରୀ ଅଧିକାରୀ, କର୍ମଚାରୀ ଓ ଖବରଦାତାମାନେ ସାମିଲ ହୋଇ ସହର ପରିକ୍ରମା କରି ଟ୍ରାଫିକ୍ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ। 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ସ୍ଲୋଗାନ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ।




କେନ୍ଦୁଝର ସହରରେ ସାଇକେଲ ରାଲିରେ ସଚେତନ କରାଯାଉଛି।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପ୍ରମୁଖ ଏଥିରେ ସାମିଲ ଥିଲେ। ଏଥିସହ ଆଞ୍ଚଳିକ ପରିବହନ ଅଧିକାରୀ ସ୍ଥାନୀୟ କେନ୍ଦୁଝର ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ହେଉଥିବା ଅଭ୍ୟାସ ପରେଡ୍‌ରେ ସମ୍ମିଳିତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ବିଷୟରେ ସୂଚନା ଦେବା ସହ ଏହାର ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ।

# ମଣ୍ଡିକୁ ଯାଇ ତଦାରଖ କଲେ ଜିଲାପାଳ

■ଚାଷୀଙ୍କ ସମସ୍ୟା ଶୁଣିଲେ
■ଏଫ୍‌ଏକ୍ୟୁ ମାନର ଧାନ ପରଖିଲେ
■ଜିଲାରେ କିଣାଗଲାଣି ୪,୫୪,୦୨୦ କୁଇଣ୍ଟାଲ

ଭଦ୍ରକ,୨୩।୧(ସନାତନ ରାଉତ)

ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଗୁରୁବାର ଅପରାହ୍ନ ୩ଟାରେ ବିଭିନ୍ନ ମଣ୍ଡି ପରିଦର୍ଶନରେ ଯାଇ ତଦାରଖ କରିବା ସହ ଚାଷୀମାନଙ୍କ ସମସ୍ୟା ଶୁଣିଛନ୍ତି। ଭଦ୍ରକ ବ୍ଲକର ଚରମ୍ପା, ବାସୁଦେବପୁରର ବିଦେଇପୁର ସମବାୟ ସେବା ସମିତି ଧାନକ୍ରୟ କେନ୍ଦ୍ର, ଚାନ୍ଦବାଲି ବ୍ଲକର ମା' କନକସୁନ୍ଦରୀ ଏସ୍‌ଏଚ୍‌ଜି ଏବଂ ମା' ଲକ୍ଷ୍ମୀ ମହିଳା ଏସ୍‌ଏଚ୍‌ଜିର ଧାନକ୍ରୟ କେନ୍ଦ୍ରରେ ପହଞ୍ଚି ଜିଲାପାଳ ଏଫ୍‌ଏକ୍ୟୁ ମାନର ଧାନ ପରୀକ୍ଷଣ ତଦାରଖ କରିଥିଲେ। ମାନ ପରୀକ୍ଷଣ ପାଇଁ ନିୟୋଜିତ କ୍ୱାଲିଟି ଆନାଲାଇଜରମାନଙ୍କୁ ଧାନର ମାନ ସମ୍ବନ୍ଧରେ ପଚାରି ବୁଝିଥିଲେ। ମଣ୍ଡିରେ ଉପସ୍ଥିତ ଚାଷୀମାନଙ୍କ ସହ ଆଲୋଚନା କରି ବିନା କଟ୍‌ନି ଛଟ୍‌ନିରେ ସେମାନେ ଧାନ ବିକ୍ରୟ କରିଥିବା ଜାଣିବାକୁ ପାଇଥିଲେ। ଏଫ୍‌ଏକ୍ୟୁ ମାନର ଧାନ ଆଣିଲେ ବିନା କଟ୍‌ନି ଛଟ୍‌ନିରେ କିଣାଯିବ ବୋଲି ଜିଲାପାଳ ବୁଝାଇଥିଲେ। ଏପର୍ଯ୍ୟନ୍ତ ଜିଲାରେ ୧୦,୨୩୫ ଚାଷୀଙ୍କଠାରୁ ସମୁଦାୟ ୪,୫୪,୦୨୦ କୁଇଣ୍ଟାଲ ଧାନ କିଣାଯାଇଛି। ସେଥିରୁ ୩,୮୪,୧୬୭ କୁଇଣ୍ଟାଲ ଧାନ ମଣ୍ଡିରୁ ମିଲରମାନେ ଉଠାଇ ସାରିଛନ୍ତି। ଜିଲାପାଳଙ୍କ ମଣ୍ଡି ପରିଦର୍ଶନ ସମୟରେ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଓ ସହକାରୀ ଜିଲା ଯୋଗାଣ ଅଧିକାରୀ ଶରତ ବେହେରା ଉପସ୍ଥିତ ଥିଲେ।



ଧାନର ମାନ ପରୀକ୍ଷା କରାଯାଉଛି।

# ଗାୟତ୍ରୀ ମହାଯଜ୍ଞ

ବାସୁଦେବପୁର,୨୩।୧(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ଖରିଦା ବିନାୟକପୁର ପଞ୍ଚାୟତ ବେଲସାଉଁଳିଆ ଗ୍ରାମରେ ତ୍ରିଦିବସୀୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି।



ମଙ୍ଗଳବାର ଶୁଭାଧିବାସ ସହ କଳସ ଶୋଭାଯାତ୍ରା ହୋଇଥିବା ବେଳେ ବୁଧବାର ଯଜ୍ଞ ଆରମ୍ଭ ହୋଇଥିଲା। ଗୁରୁବାର ଅପରାହ୍ନ ୫ଟାରେ ଯଜ୍ଞ ପୂର୍ଣ୍ଣାହୁତି ଅବସରରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ୩ ଦିନ ଧରି ପ୍ରବଚନ, ଭଜନ ସନ୍ଧ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ନେତାଜୀ ଯୁବକ ସଂଘ ଓ ସ୍ଥାନୀୟ ଅଞ୍ଚଳବାସୀ ମିଳିତ ସହଯୋଗ କରିଥିଲେ।

# ୩ ମିଲରଙ୍କୁ କାରଣ ଦର୍ଶାଅ ନୋଟିସ୍

ଭଦ୍ରକ,୨୩।୧(ସନାତନ ରାଉତ)

ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକା ଅନୁଯାୟୀ ମଣ୍ଡିରେ ଏଫ୍‌ଏକ୍ୟୁ ମାନର ଧାନକୁ ବିନା କଟ୍‌ନି ଛଟ୍‌ନିରେ କିଣାଯିବା ପାଇଁ ଭଦ୍ରକ ଜିଲା ପ୍ରଶାସନର ଉଦ୍ୟମ ଜାରି ରହିଛି। ଧାନ ଉଠାଇବାରେ ମନ୍ଥରତା, ଅଖା ଯୋଗାଉ ନ ଥିବା ଅଭିଯୋଗରେ ତିହିଡ଼ିର ଅଦିତ୍ ରାଇସ୍ ମିଲ୍, ଭଦ୍ରକର ଜେଏମ୍‌ବି ଏବଂ ୱାଇଜିପି ରାଇସ୍ ମିଲ୍‌କୁ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଜିଲାପାଳ ଦିଲୀପ ରାଉତରାଏ ବୁଧବାର ଅପରାହ୍ନ ୪ଟା ୩୦ରେ ଭଦ୍ରକ ବ୍ଲକର ଆମ୍ବରୋଳି ସମବାୟ ସମିତି ଧାନ କ୍ରୟ କେନ୍ଦ୍ର ଓ ଗେଲଟୁଆର ଜୟ ମା' ଦୁର୍ଗା ହସ୍ତଶିଳ୍ପୀ ଏସ୍‌ଏଚ୍‌ଜିର ଧାନକ୍ରୟ କେନ୍ଦ୍ରକୁ ଯାଇ ତଦାରଖ କରିଛନ୍ତି। ଜିଲାପାଳ ମଣ୍ଡି ପରିଦର୍ଶନ କରିବା ସହ ଚାଷୀଙ୍କ ସହ କଥା ହୋଇଥିଲେ। ଜଳଙ୍ଗାର ଚାଷୀ ଉପେନ୍ଦ୍ର ପଣ୍ଡା ଓ ପୀତାମ୍ବର ସାହୁଙ୍କୁ ଧାନ ବିକ୍ରି ସମ୍ବନ୍ଧରେ ସେ ପଚାରି ବୁଝିଥିଲେ। ଅପରିଷ୍କାର ଧାନ ମଣ୍ଡିରୁ ଫେରାଇ ନେଇ ପୁଣିଥରେ ପରିଷ୍କାର କରି ଆଣି ବିନା କଟ୍‌ନି ଛଟ୍‌ନିରେ ବିକିଥିବା ଚାଷୀମାନେ ପ୍ରକାଶ କରିଥିଲେ। ବିନା କଟ୍‌ନି ଛଟ୍‌ନିରେ ମଣ୍ଡିରେ ଧାନ ବିକ୍ରୟ କରିଥିବା ୩ ଚାଷୀ ପ୍ରକୃତରେ ସେମାନେ ଚାଷୀ କି ନୁହନ୍ତି, ଜିଲାପାଳ ସେମାନଙ୍କ ମୋବାଇଲରେ ଧାନ ବିକ୍ରୟ ପାଇଁ ଆସିଥିବା ମେସେଜକୁ ଯାଞ୍ଚ କରିଥିଲେ। କଟ୍‌ନି ଛଟ୍‌ନି କରାଯାଉଛି ବୋଲି ଅଭିଯୋଗ କରୁଥିବା ଚାଷୀଙ୍କ ମୋବାଇଲ ଯାଞ୍ଚ କରି ଆସନ୍ତା ୨୯ ତାରିଖରେ ସେମାନଙ୍କଠାରୁ ଧାନ କିଣାଯିବା ନେଇ ମୋବାଇଲରେ ମେସେଜ ଆସିଥିବା ଜିଲାପାଳ ଜାଣିବାକୁ ପାଇଥିଲେ। କଟ୍‌ନୀ ଛଟ୍‌ନି ଚାଲୁଥିବା ସେମାନଙ୍କୁ କିଏ କହିଲେ ବୋଲି ଜିଲାପାଳ ପଚାରିବାରୁ ସେମାନେ ଉତ୍ତର ଦେଇପାରି ନ ଥିଲେ। କଟ୍‌ନି ଛଟ୍‌ନି କଥା ସମ୍ପୂର୍ଣ୍ଣ ଗୁଜବ। ଏଫ୍‌ଏକ୍ୟୁ ମାନର ଧାନକିଣାରେ କୌଣସି କଟ୍‌ନି ଛଟ୍‌ନି କରାଯିବ ନାହିଁ ବୋଲି ଜିଲାପାଳ କହିଥିଲେ।

# କନ୍ୟାରତ୍ନ ସୁରକ୍ଷା ଉପରେ ଗୁରୁତ୍ୱ

ଭଦ୍ରକ,୨୩।୧(ସନାତନ ରାଉତ)

ଭଦ୍ରକ ଜିଲା ଶିଶୁ ସୁରକ୍ଷା ଓ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଅପରାହ୍ନ ୩ଟାରେ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଥିଲା। ଜିଲାପାଳ ଦିଲୀପ ରାଉତରାଏଙ୍କ ପୌରୋହିତ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଲିଙ୍ଗଗତ ଭେଦଭାବ ଦୂର କରିବା, କନ୍ୟାରତ୍ନଙ୍କ ସୁରକ୍ଷା, ସେମାନଙ୍କ ଆଦର ଓ ସମ୍ମାନ ପ୍ରତି ସମଭାବାପନ୍ନ ହେବା ପାଇଁ ସଂକଳ୍ପବଦ୍ଧ ନିମନ୍ତେ ଆହ୍ୱାନ ଦେବା ସହ ସମୂହ ଶପଥପାଠ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ, ମହିଳା ଗୋଷ୍ଠୀ, ପୋଲିସ ବାହିନୀ, ସାମାଜିକ ସଙ୍ଗଠନ, ପଞ୍ଚାୟତ ପ୍ରତିନିଧି, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା, ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡ ହେଲ୍ପଲାଇନର କର୍ମକର୍ତ୍ତା ପଦଯାତ୍ରାରେ ଜିଲା କାର୍ଯ୍ୟାଳୟ ପରିସରରୁ ବାହାରି ଟାଉନହଲ୍ ପର୍ଯ୍ୟନ୍ତ ଯାଇଥିଲେ। ପଦଯାତ୍ରାରେ କନ୍ୟାରତ୍ନ–କରଯତ୍ନ, କନ୍ୟାଶିକ୍ଷା–ମହାଦୀକ୍ଷା ଆଦି ନାରା ଦିଆଯାଇଥିଲା।

# ସୁବର୍ଣ୍ଣେଶ୍ୱର ୟୁଥ୍ କ୍ଲବ୍ ଆଗରପଡ଼ା ଚାମ୍ପିୟନ




ଅତିଥି ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଧାମନଗର,୨୩।୧(ସନ୍ତୋଷ କୁମାର ମହାପାତ୍ର)

## ସିଏମ୍ ଟ୍ରଫି ଜୁନିୟର ଫୁଟ୍‌ବଲ୍ ମ୍ୟାଚ୍

ଧାମନଗର ବ୍ଲକର ଦୋବଲସ୍ଥିତ କାଳୀପଡ଼ିଆରେ ଜିଲାସ୍ତରୀୟ ସିଏମ୍ ଟ୍ରଫି ଜୁନିୟର ଫୁଟ୍‌ବଲ ମ୍ୟାଚ୍ ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ଫାଇନାଲରେ ରୋଭର୍ଶ କ୍ଲବ୍ ଭଦ୍ରକକୁ ହରାଇ ସୁବର୍ଣ୍ଣେଶ୍ୱରୀ ୟୁଥ୍ କ୍ଲବ ଆଗରପଡ଼ା ଚାମ୍ପିୟନ ହୋଇଛି। ଅପରାହ୍ନ ୪ ଟାରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉଭୟ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅନ୍ତିମ ପର୍ଯ୍ୟାୟ ପରେ ଦୁଇ ଦଳ ମଧ୍ୟରେ ପେନାଲ୍ଟି ହୋଇଥିଲା। ଶେଷରେ ଆଗରପଡ଼ା ଦଳ ପେନାଲ୍ଟି ମାଧ୍ୟମରେ ୩–୦ ଗୋଲ୍‌ରେ ଭଦ୍ରକ ରୋଭର୍ଶ କ୍ଲବ୍‌କୁ ହରାଇଥିଲା। ରେଫରୀ ସେକ ରିଆଜ କାଦ୍ରୀ, ସୁଶାନ୍ତ ବିଶ୍ୱାଳ, ସେକ ସଲିମ ଓ ଏମ୍‌ଡି ଇଜହାର ଦାୟିତ୍ୱ ନିର୍ବାହ କରିଥିଲେ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ଧାମନଗର ତହସିଲଦାର ଦୀପକ କୁମାର ଦାସ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଭାଜପା ନେତା ମନୋରଞ୍ଜନ ମଲ୍ଲିକ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଉପେନ୍ଦ୍ର ବାରିକ, ଭାଜପା ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ବିଜୟ ରାମ, ବିଡିଓ ବନବିହାରୀ ଦିଣ୍ଡା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ଓ ମଣ୍ଡଳ ସଭାପତି ପ୍ରମୋଦ ସୂତାର ଯୋଗ ଦେଇଥିଲେ। ରଞ୍ଜିତ କୁମାର ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ନାରାୟଣ ସାହାଣୀ, ସଂଗ୍ରାମ ବେହେରା, ନିରଞ୍ଜନ ଜେନା, ଚନ୍ଦନ ସାହାଣୀ, ଲକ୍ଷ୍ମୀଧର ପାଣିଗ୍ରାହୀ, ଅନୀଲ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଜଳିଗଲା ଇଲେକ୍ଟ୍ରୋନିକ୍ସ ଦୋକାନ

ଧୂଷୁରୀ,୨୩।୧(ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଧୂଷୁରୀ ବଜାରରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନରେ ବୁଧବାର ରାତି ୧୦ଟା ୩୦ରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ବ୍ୟବସାୟୀ ମିଲୁ ମଲ୍ଲିକ ରାତିରେ ଦୋକାନ ବନ୍ଦ କରି ଘରକୁ ଚାଲି ଯାଇଥିଲେ। କିଛି ସମୟ ପରେ ଦୋକାନରେ ନିଆଁ ଲାଗିଥିବା ବଜାରରେ ଥିବା ଅନ୍ୟ ବ୍ୟବସାୟୀ ଦେଖିବାକୁ ପାଇଥିଲେ। ଉଦ୍ୟମ ସତ୍ତ୍ୱେ ନିଆଁକୁ ଆୟତ୍ତ କରାଯାଇପାରି ନ ଥିଲା। ଧାମନଗରରୁ ଦମକଳ ବାହିନୀ ଆସି ପହଞ୍ଚିଲା ବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଧୂଷୁରୀ ନିକଟବର୍ତ୍ତୀ ସାଆଁଳପୁର ପଡ଼ିଆରେ ଦମକଳ କେନ୍ଦ୍ର ଖୋଲିବାକୁ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପୂରଣ ନ ହେବାରୁ ଅଞ୍ଚଳବାସୀ ଏଭଳି ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ପ୍ରତିମୂର୍ତ୍ତି ଆଗରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

ଭଦ୍ରକ,୨୩।୧(ସନାତନ ରାଉତ)

ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସକାଳ ୯ଟାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, କର୍ଣ୍ଣେଲ ଏସ୍.ଏସ୍. ରାଘବଂଶୀ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଜିଲା ସ୍କୁଲରେ ଥିବା ନେତାଜୀ ଓ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ସ୍କୁଲର ଛାତ୍ରୀଛାତ୍ର ବ୍ୟାଣ୍ଡ ବଜାଇ ଅତିଥିମାନଙ୍କୁ ପାଛୋଟି ନେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ତାପସ କୁମାର ଦାସଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ, ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ରୋଟାରିଆନ ଅତିସ୍ କୁମାର ବେହେରା, ଭଦ୍ରକ ସର୍ବୋଦୟ ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀ, ଜିଲା ସଂସ୍କୃତି, କଳା ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ଓ ଏନ୍‌ସିସିର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନେତାଜୀ ଜୟନ୍ତୀ ପାଳିତ




ଭଦ୍ରକ, ୨୩।୧(ରବିନାରାୟଣ ଖିଲାର)

ମହାବୀର ସେବା ସଙ୍ଗଠନ ପକ୍ଷରୁ ଗୁରୁବାର ସ୍ଥାନୀୟ ବଙ୍କସାହିଠାରେ ନେତାଜୀ ଜୟନ୍ତୀ ପାଳନ କରାଯାଇଛି। ଭୂମିକନ୍ୟା ମହିଳା ସଂଗଠନର ସଭାପତି ସଂଯୁକ୍ତା ବଳ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ ମୁଖ୍ୟଅତିଥି, ଲେଖିକା ଦମୟନ୍ତୀ ରାଉତ ମୁଖ୍ୟବକ୍ତା, ଖବରଦାତା ପ୍ରଦୀପ କୁମାର ବଳ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ଶିକ୍ଷୟିତ୍ରୀ ପ୍ରଦୀପ୍ତାମୟୀ ପଣ୍ଡା, ସାମାଜିକ କର୍ମୀ ମମତା ବଳ, ନିରଞ୍ଜନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂଗଠନର ସମ୍ପାଦିକା ରେଣୁବାଳା ଖିଲାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲି ଚୋରା ଚାଲାଣ ନେଇ ଖଣି ବିଭାଗର ଚଢ଼ାଉ

## ୨ ବାଲି ବୋଝେଇ ଟ୍ରାକ୍ଟର ଜବତ



ଧାମନଗର,୨୩।୧(ଦେବେନ୍ଦ୍ର ଆଢିଆ)

ଧାମନଗର ବ୍ଲକ୍‌ର ବିଭିନ୍ନ ନଦୀରୁ ବାଲି ଚୋରା ଚାଲାଣ ନେଇ ଗୁରୁବାର ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଧାମନଗର କଲେଜ ପାଖରୁ ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଧାମନଗର ଥାନାରେ ଜିମା ଦିଆଯାଇଛି। ବାଲି ଚୋରା ଚାଲାଣ କରୁଥିବା ଅନ୍ୟ ଏକ ଟ୍ରାକ୍ଟର ଫେରାର ହୋଇଯାଇଛି। ତେବେ ଜବତ ହୋଇଥିବା ୨ ଟ୍ରାକ୍ଟରର ନମ୍ବର ନ ଥିବା କୁହାଯାଇଛି। ଯାଞ୍ଚ ପରେ ସମ୍ପୃକ୍ତ ଗାଡ଼ି ଉପରେ ଆଇନ ଅନୁଯାୟୀ ଜରିମାନା କରାଯିବ ବୋଲି ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି।

ଧାମନଗର ତହସିଲ ଅଧୀନ ଦେହୁଡି ଆନନ୍ଦପୁର, ସୋହଡ଼ା, ପଧାନୀ, ଅର୍ଜୁନପୁର ଆଦି ପଞ୍ଚାୟତରେ ବୈତରଣୀ ନଦୀରୁ ବାଲି ଉତ୍ତୋଳନ କରାଯାଉଛି। ଆନନ୍ଦପୁରର ପଣସମାହାରା, ମାନଲାପୁର ଓ ଉତ୍ତେଇପୁର ଘାଟ ସହ ସୋହଡ଼ା ପଞ୍ଚାୟତର କ୍ଷେଣ୍ଟପୁର, କଣ୍ଠାପାରୀ, ଅର୍ଜୁନପୁରର ବାଲିପାଟଣା, ପଧାନୀର ଦଶନ୍ଧିକୂଳଠାରେ ବାଲି ଚୋରି ହେଉଛି। ରାତିରେ ଜେସିବି ଲଗାଇ ନଦୀ ଗର୍ଭରୁ ବାଲି ଉଠାଯାଉଛି। ସେହି ବାଲିକୁ ଟ୍ରାକ୍ଟର ଓ ଟ୍ରକ୍ ଜରିଆରେ ଚାଲାଣ କରାଯଉଛି। ବୈତରଣୀ ଶଯ୍ୟାରେ ଉପଯୁକ୍ତ ପରିମାଣର ବାଲି ଗଚ୍ଛିତ ନ ଥିବାରୁ ଖଣି ବିଭାଗ ପକ୍ଷରୁ କୌଣସି ଘାଟ ବା ସଇରାତ ନିଲାମ କରାଯାଇ ନାହିଁ। ଏହାର ସୁଯୋଗ ନେଇ ସ୍ଥାନୀୟ ଗାଡ଼ି ମାଲିକ ମନଇଚ୍ଛା ଏଭଳି ବେଆଇନ ବାଲିଘାଟ ଚଳାଇ ଆସୁଥିବା ଅଭିଯୋଗ ହୋଇଆସୁଛି। ଭଦ୍ରକ ଖଣି ଉପ ନିର୍ଦ୍ଦେଶକ ସନ୍ତୋଷ ଦଳେଇ ଅପରାହ୍ନ ପ୍ରାୟ ୨ଟା ବେଳେ ଟିମ୍ ସହ ଧାମନଗର ଅଞ୍ଚଳରେ ଚାଲିଥିବା ବେଆଇନ ବାଲିଘାଟରେ ଚଢ଼ାଉ କରିବାକୁ ଯାଉଥିଲେ। ରାସ୍ତାରେ ଯିବା ବେଳେ ଧାମନଗର କଲେଜ ପାଖରୁ ୨ଟି ବାଲି ବୋଝେଇ ଗାଡ଼ିକୁ ଧରିଥିଲେ। ଏଭଳି ଚଢ଼ାଉ ଜାରି ରହିବ ବୋଲି ଖଣି ଉପନିର୍ଦ୍ଦେଶକ କହିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ଜବତ ଟ୍ରାକ୍ଟରରୁ ଜରିମାନା ଆଦାୟ ହୋଇ ନ ଥିବା ଥାନା ଅଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ କହିଥିଲେ।

# ଅଟୋ ଡ୍ରାଇଭର ଶିଶୁକୁ ନେଇଯିବା ଅଭିଯୋଗ

ଭଦ୍ରକ,୨୩।୧(ସନାତନ ରାଉତ)

ଭଦ୍ରକରେ ଅଟୋ ଡ୍ରାଇଭର ଜଣେ ଶିଶୁକୁ ନେଇ ଯାଇଥିବା ବୁଧବାର ରାତିରେ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପରେ ଅଟୋ ଡ୍ରାଇଭର ପିଲାଟିକୁ ଆଣି ଥାନାରେ ପହଞ୍ଚାଇବା ଘଟଣା ଗୁରୁବାର ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ମହାରାଷ୍ଟ୍ରରୁ କେତେଜଣ ଯାତ୍ରୀ ଟ୍ରେନ୍‌ରେ ଆସି ରାତି ଭଦ୍ରକ ଚରମ୍ପା ଷ୍ଟେଶନରେ ଓହ୍ଲାଇଥିଲେ। ଷ୍ଟେଶନରୁ ୨ଟି ଅଟୋ ଯୋଗେ ସେମାନେ ଭଦ୍ରକ ସହର ବନ୍ତଛକକୁ ଆସିଥିଲେ। ଅଟୋରୁ ଓହ୍ଲାଇବା ପରେ ଏକ ୫ ବର୍ଷର ଶିଶୁ ଅଟୋରେ ରହି ଯାଇଥିଲା। ଅଟୋ ଡ୍ରାଇଭର ଜାଣି ନ ପାରି ଗାଡ଼ିକୁ ନେଇ ପଳାଇ ଯାଇଥିଲେ। ପରେ ଉକ୍ତ ପିଲାକୁ ନ ପାଇ ଅନ୍ୟମାନେ ଖୋଜିଥିଲେ। ସ୍ଥାନୀୟ ଲୋକେ ପାଟି ଶୁଣି ସାଙ୍ଗରେ ଆସିଥିବା ଅନ୍ୟ ଏକ ଅଟୋକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ୧୧୨ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଟୋ ଡ୍ରାଇଭର ଓ ସେମାନଙ୍କୁ ଥାନାକୁ ନେଇଥିଲେ। ପିଲା ରହି ଯାଇଥିବା ଅଟୋ ଡ୍ରାଇଭର କିଛି ବାଟ ଯିବା ପରେ ପରେ ପିଲାଟି ନିଦରୁ ଉଠି କାନ୍ଦିଥିଲା। ଉକ୍ତ ପିଲାଟି ଅଟୋର ପଛରେ ନିଦରେ ଶୋଇପଡ଼ିଥିବାରୁ ବନ୍ତଛକରେ ଓହ୍ଲାଇପାରି ନ ଥିଲା। ଅଟୋ ଡ୍ରାଇଭର ଉକ୍ତ ପିଲାକୁ ନେଇ ବନ୍ତଛକ ଓ ପରେ ଟାଉନ ଥାନାରେ ପହଞ୍ଚି ପରିବାର ଲୋକଙ୍କୁ ଜିମା ଦେଇଥିଲେ।

# ପୂର୍ବତନ ଅଧ୍ୟାପକଙ୍କ ପରଲୋକ

ଚାନ୍ଦବାଲି,୨୩।୧(ଅଶୋକ ପଣ୍ଡା)

ଚାନ୍ଦବାଲି ମହାବିଦ୍ୟାଳୟର ଇତିହାସ ବିଭାଗର ପୂର୍ବତନ ଅଧ୍ୟାପକ କୃଷ୍ଣଚନ୍ଦ୍ର ପଲାଇ(୬୭)ଙ୍କ ଗୁରୁବାର ସକାଳ ୮ଟାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଅଧ୍ୟାପନା ସହ ସେ ଜଣେ ସଙ୍ଗଠକ ଓ ନାଟ୍ୟ ନିର୍ଦ୍ଦେଶକ ଥିଲେ। ଚାନ୍ଦବାଲି ସୂର୍ଯ୍ୟ ପରିଷଦ ଓ ଆମ ପରମ୍ପରା ଅନୁଷ୍ଠାନର ସେ ପ୍ରତିଷ୍ଠାତା ସଭ୍ୟ ଥିଲେ। ଚାନ୍ଦବାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତରଣୀସେନ୍ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଡ. ଅଜୟ କୁମାର ନାୟକ, ପ୍ରାଧ୍ୟାପକ ପ୍ରଶାନ୍ତ ବେହେରା, ଅଧ୍ୟାପକ ସୁବାସ ନାୟକ, ଅଧ୍ୟାପିକା ନିର୍ଲିପ୍ତା ମିଶ୍ର, ପ୍ରାଧ୍ୟାପକ ମାୟାଧର ମହାନ୍ତି, ସୂର୍ଯ୍ୟ ପରିଷଦର ସଭାପତି ଦ୍ୱିଜବର ରାଉତ, ସମ୍ପାଦକ ତାରାପଦ ମହାନ୍ତି, ଆମ ପରମ୍ପରାର ସଭାପତି ସୁଧୀର ମହାନ୍ତି, ସମ୍ପାଦକ ରଘୁନାଥ ସାହୁ, ବ୍ଲକ ଉପାଧ୍ୟକ୍ଷ ସରୋଜ ବଳ, ବ୍ରଜ କିଶୋର ପଣ୍ଡା, ଅମୂଲ୍ୟ ରାଉତ, ଲଳିତ ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନେତାଜୀ ଜୟନ୍ତୀରେ ପ୍ରତିଯୋଗିତା

ଧୂଷୁରୀ,୨୩।୧ (ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର ବେତାଳିଗାଁ ହାଟଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ନେତାଜୀ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ନେତାଜୀ କମିଟି ଆନୁକୂଲ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତା, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତାରେ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। କମିଟି ସଭାପତି ବିଦ୍ୟାଧର ବାରିକ, ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ସହସମ୍ପାଦକ କପିଳଦେବ ବିଶ୍ୱାଳ, ଉପସଭାପତି ଜଗନ୍ନାଥ ବାରିକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବାବାମଣି ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ ବଳ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ରତ୍ନାକର ଜେନା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।



ଜଣେ ଛାତ୍ରୀ ବକ୍ତୃତା ପ୍ରତିଯୋଗିତାରେ ବକ୍ତବ୍ୟ ଦେଉଛନ୍ତି।

# ବର୍ଦ୍ଧିତ ଭତ୍ତାରୁ ବାଦ୍ ପଡ଼ିଛନ୍ତି ୨ହଜାର ହିତାଧିକାରୀ

ଭଦ୍ରକ,୨୩।୧(ସନାତନ ରାଉତ)

ଭଦ୍ରକ ଜିଲାରେ ବର୍ଦ୍ଧିତ ଭତ୍ତା ପାଇବାରୁ ୨ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ୩ ହଜାର ୫ ଶହ ଟଙ୍କା ଭତ୍ତା ଚଳିତ ମାସଠାରୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବେଳେ ଜିଲାରେ ୧୫ ହଜାର ୩୨୯ଜଣ ହିତାଧିକାରୀ ତାଲିକାରେ ସାମିଲ ହୋଇଥିଲେ। ଗତ ୧୫ ତାରିଖରେ ସାରା ଜିଲାରେ ବର୍ଦ୍ଧିତ ଭତ୍ତା ବଣ୍ଟନର ଶୁଭାରମ୍ଭ କରାଯାଇଥିଲା। ପରେ ବିଭିନ୍ନ ପଞ୍ଚାୟତରେ ଏହି ବର୍ଦ୍ଧିତ ଭତ୍ତା ବଣ୍ଟନ ଆରମ୍ଭ କରାଯାଇଥିବା ବେଳେ ହିତାଧିକାରୀଙ୍କ ସଂଖ୍ୟା ମୁତାବକ ଆବଶ୍ୟକ ଅର୍ଥ ନ ଥିବାରୁ ବିଭିନ୍ନ ପଞ୍ଚାୟତରେ ୨ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ବାଦ୍ ପଡ଼ିଛନ୍ତି।

ଜିଲାର ହିତାଧିକାରୀଙ୍କ ପାଇଁ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଭତ୍ତା ଅନୁଦାନକୁ ସମସ୍ତ ବ୍ଲକରେ ଆଲ୍‌ଫାବିଟାକାଲ ଫର୍ମୁଲାରେ ପଞ୍ଚାୟତର ନାମାନୁସାରେ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ସମସ୍ତ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଭତ୍ତା ବାଣ୍ଟୁଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚମାନଙ୍କୁ ହିତାଧିକାରୀମାନେ ଏନେଇ ପ୍ରଶ୍ନ କରୁଛନ୍ତି। ପଞ୍ଚାୟତସ୍ତରରେ ସେମାନଙ୍କୁ ସମସ୍ୟା ଭୋଗିବାକୁ ପଡୁଛି ବୋଲି କେତେଜଣ ସରପଞ୍ଚ କହିଛନ୍ତି। ଏନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କ ତାଲିକା ପ୍ରଦାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଆସିଥିବା ଅର୍ଥ ସମସ୍ତ ହିତାଧିକାରୀଙ୍କୁ ଦେବାରେ ସମ୍ଭବ ହେଉନାହିଁ। ଅଧିକାଂଶ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ମିଳିଥିବା ବେଳେ ପ୍ରାୟ ୨ହଜାର ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ଅନୁଦାନର ଅଭାବ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକ ଅନୁଦାନ ଆସିବା ପରେ ସେମାନଙ୍କୁ ପ୍ରଦାନ କରାଯିବ। ବିଳମ୍ବ ହେଲେ ମଧ୍ୟ ସମସ୍ତ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ମିଳିବ। ପ୍ରଥମ ମାସରେ ସମସ୍ୟା ଦେଖାଦେଇଛି। ଆସନ୍ତା ମାସଠାରୁ ଠିକ୍ ଭାବେ ଭତ୍ତା ବଣ୍ଟନ ହୋଇପାରିବ ବୋଲି ସେ କହିଛନ୍ତି।

# ପୋଷାହାତୀ ମହିନ୍ଦ୍ରା ନାଁରେ ନାମିତ ହେଲା କଲୋନି

ବାରିପଦା,୨୩।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମଣିଷ ହେଉ ଅବା ଜୀବଜନ୍ତୁ, ନିଜ କ୍ଷେତ୍ରରେ କରିଥିବା କର୍ତ୍ତବ୍ୟକୁ ସମସ୍ତେ ଝୁରିଥାନ୍ତି। ଏଭଳି ମଣିଷ ଓ ପ୍ରାଣୀମାନଙ୍କୁ ସମ୍ମାନ ଦେବାକୁ କୁଣ୍ଠାବୋଧ କରାଯାଇ ନ ଥାଏ। ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ନିୟୋଜିତ ଥିବା ପୋଷା ଦନ୍ତାହାତୀ ମହିନ୍ଦ୍ରାର ମୃତ୍ୟୁ ପରେ ସମସ୍ତେ ତା'କୁ ଝୁରି ହେଉଛନ୍ତି। ମନେ ରଖିବା ପାଇଁ ତା' ନାମରେ ଏକ ନୂତନ କଲୋନି(ଗଜରାଜ ମହିନ୍ଦ୍ରା କଲୋନି)ର ନାମକରଣ କରାଯାଇଛି। ମହିନ୍ଦ୍ରା ମୃତ୍ୟୁର ୧୧ ଦିନରେ ଯଶିପୁରସ୍ଥିତ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ବନ ବିଭାଗ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ମହିନ୍ଦ୍ରାକୁ ନେଇ ଶୋକ ପ୍ରକଟ କରିଥିଲେ। ଏହି ଅବସରରେ ଗଜରାଜ ମହିନ୍ଦ୍ରା ଫରେଷ୍ଟ କଲୋନୀର ନୂତନ ଆବାସିକ ଗୃହକୁ ଜଙ୍ଗଲ ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଉଦ୍‌ଘାଟନ କରିଥିଲେ। ଏହି କଲୋନୀ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ସ୍ପେଶାଲ ଟାଇଗର ପ୍ରୋଟେକ୍ସନ ଫୋର୍ସ(ଏସ୍‌ଟିପିଏଫ୍) ଏବଂ ଶିମିଳିପାଳରେ ନିୟୋଜିତ ଥିବା କର୍ମଚାରୀଙ୍କ ପରିବାର ପାଇଁ ଏକ ଆବାସିକ ଅଞ୍ଚଳ ଭାବେ ବିକଶିତ କରାଯାଇଛି। ଏଥିରେ ୮ଟି କ୍ୱାର୍ଟର୍ସ ଏବଂ ଜଣେ ରେଞ୍ଜ ଅଫିସରଙ୍କ ପାଇଁ ଗୋଟିଏ ବାସସ୍ଥାନ ନିର୍ମାଣ ହୋଇଛି । କାମ୍ପା ଯୋଜନାରେ ୧ କୋଟି ୬୩ ଲକ୍ଷ ବ୍ୟୟ ଅଟକଳରେ ଏହି ଗୃହ ନିର୍ମାଣ କରାଯାଇଥିବା ବେଳେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ସହାୟତାରେ ଅନ୍ୟାନ୍ୟ ବିକାଶ ଯୋଜନା କରାଯାଇଛି। ଏହା ସହିତ କାମ୍ପା ଯୋଜନାରେ ୯୦.୧୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬ଟି ନୂତନ କ୍ୱାର୍ଟର୍ସ ନିର୍ମାଣ ପାଇଁ ମନ୍ତ୍ରୀ ଖୁଣ୍ଟିଆ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ଏବଂ କରଞ୍ଜିଆ ବନଖଣ୍ଡ ବିଭାଗର କ୍ଷେତ୍ର ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ମହିନ୍ଦ୍ରାର କାର୍ଯ୍ୟଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା। ହାତୀ ଘଉଡ଼ାଇବାଠାରୁ ଆରମ୍ଭ କରି ଶିକାରୀ ଓ କାଠ ଚୋରଙ୍କୁ ଧରିବାରେ ମହିନ୍ଦ୍ରାର କାର୍ଯ୍ୟଦକ୍ଷତା ସମସ୍ତଙ୍କୁ ଉତ୍ସାହିତ କରୁଥିଲା। ପିଠିରେ କର୍ମଚାରୀଙ୍କୁ ବୋହି ଦୁର୍ଗମ ଅଞ୍ଚଳରେ ପାଟ୍ରୋଲିଂ କରି ପୁନର୍ବାର ଫେରୁଥିଲା। ଏପରିକି ବାଘର ସୁରକ୍ଷା ଦିଗରେ ବନ ବିଭାଗ ଅନେକ ସମୟରେ ମହିନ୍ଦ୍ରାର ସହାୟତା ଲୋଡୁଥିଲା। ଶିକାରୀ ଓ କାଠ ଚୋରଙ୍କ ଗୁଳି ଓ ତୀରମାଡ଼ ଖାଇ ମଧ୍ୟ ମହିନ୍ଦ୍ରା ସାଥୀ ହାତୀପଲଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିଥିଲା। ଏଭଳି ଦୁଃସାହସିକ କାର୍ଯ୍ୟ କରି ମହିନ୍ଦ୍ରା ବନ ବିଭାଗର ଅତିପ୍ରିୟ ହୋଇପାରିଥିଲା । ତେବେ ବାର୍ଦ୍ଧକ୍ୟ କାରଣରୁ ଅସୁସ୍ଥ ହୋଇ ପଡ଼ିବାରୁ ଗତ ୧୨ତାରିଖ ରାତି ୧୦ଟାରେ ତାର ମୃତ୍ୟୁ ଘଟିଥିଲା । ମହିନ୍ଦ୍ରାର ମୃତ୍ୟୁକୁ ନେଇ ପ୍ରାଣୀପ୍ରେମୀ ଓ ବିଭାଗୀୟ କର୍ମଚାରୀ ଏବଂ ଅଧିକାରୀମାନେ ଶୋକ ପ୍ରକଟ କରିଥିଲେ। ଶିମିଳିପାଳ ପାଇଁ ଏକ ଲଢୁଆ ସୈନିକ ହରାଇଥିବାରୁ ବନ ବିଭାଗ ପକ୍ଷରୁ ମହିନ୍ଦ୍ରା ନାମରେ ନୂତନ କଲୋନିର ନାମକରଣ କରାଯାଇଛି। ଯାହାକୁ ନେଇ ଜିଲାବାସୀ ଖୁସି ପ୍ରକଟ କରିଛନ୍ତି। ମହିନ୍ଦ୍ରା ପାଇଁ ଏକ ସ୍ମୃତି ସ୍ତମ୍ଭ ସ୍ଥାପନ କରିବାକୁ ପରିବେଶବିତ୍ ସଂଯୁକ୍ତା ବସାଙ୍କ ସମେତ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି ।



ମହିନ୍ଦ୍ରା ନାମରେ ନାମିତ ହୋଇଥିବା କଲୋନି।

# ପୁନର୍ଗଠନ ଆଳରେ ଅଣଦେଖା

ବାରିପଦା,୨୩।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ତେଜୁଛି ମିଶନ ଶକ୍ତି ଇସି ସଦସ୍ୟାଙ୍କ ଅସନ୍ତୋଷ**

ମୟୂରଭଞ୍ଜ ଜିଲାରେ କାର୍ଯ୍ୟରତ ବ୍ଲକସ୍ତରୀୟ ମିଶନ ଶକ୍ତି କାର୍ଯ୍ୟନିର୍ବାହୀ କମିଟି(ଇସି) ସଦସ୍ୟାମାନେ ସଂଘବଦ୍ଧ ଭାବେ ନିଜର ଦାବି ଉପସ୍ଥାପନା କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସ୍ୱଳ୍ପ ଓ ଅନିୟମିତ ଭାବେ ଭତ୍ତା ପ୍ରଦାନ କରିବାର ଆଳ ଦେଖାଇ ପୁନର୍ଗଠନ କରିବା ନାମରେ ହଟାଇବାକୁ ହୀନ ପ୍ରୟାସ ଯୋଜନା କରାଯାଉଛି। ବରିଷ୍ଠତା ଓ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ପୁରସ୍କାର ପରିବର୍ତ୍ତେ ଅଣଦେଖା କରାଯାଉଛି। ଏପରିକି ପୁନର୍ଗଠନ ନାମରେ ବ୍ଲକ, ପଞ୍ଚାୟତ ଓ ଗ୍ରାମସ୍ତରରେ ଏସଏଚ୍‌ଜିଗୁଡ଼ିକ ମଧ୍ୟରେ ଅସ୍ଥିରତା ସୃଷ୍ଟି କରାଯାଉଥିବା ଅଭିଯୋଗ କରି ଶୁକ୍ରବାର ପୂର୍ବାହ୍ନରେ ଜିଲାର ମିଶନ ଶକ୍ତି ଇସି ସଦସ୍ୟାମାନେ ହକ୍ ପାଇଁ ଜିଲାସ୍ତରୀୟ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଜିଲାର ୨୬ଟି ବ୍ଲକରେ ୪୭ ହଜାର ୧୭୫ ଏସଏଚ୍‌ଜି ଗ୍ରୁପ କାର୍ଯ୍ୟ କରୁଥିବା ବେଳେ ୪ ଲକ୍ଷ ୭୧ ହଜାରରୁ ଊର୍ଦ୍ଧ୍ୱ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। ମିଶନ ଶକ୍ତି ଯୋଜନାରେ ଛତୁ, କୁକୁଡ଼ା, ଛେଳି, ବତକ, ମେଣ୍ଢା ଚାଷ, ବ୍ୟାଙ୍କରୁ ଋଣ ପ୍ରଦାନ, ଏସଏଚ୍‌ଜିମାନଙ୍କୁ ୟୁନିଫର୍ମ ପ୍ରଦାନ ଓ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟ ସହିତ ମହିଳା ସଶକ୍ତୀକରଣକୁ ନେଇ ଇସି ସଦସ୍ୟାମାନେ କାର୍ଯ୍ୟରତ ଅଛନ୍ତି । ଏସଏଚ୍‌ଜିମାନଙ୍କୁ ସଙ୍ଗଠିତ କରିବା ଓ ସେମାନଙ୍କ ଆର୍ଥିକ ପରିଚାଳନାରେ ପ୍ରୋତ୍ସାହିତ କରିବା ଆଦି କାର୍ଯ୍ୟରେ ଇସି ସଭାପତି ଓ ସମ୍ପାଦିକାଙ୍କ ସ୍ୱାକ୍ଷରରେ ବ୍ୟାଙ୍କରୁ ଋଣ ଗ୍ରହଣ ଓ ପ୍ରଦାନ କାର୍ଯ୍ୟ କରାଯାଇଥାଏ। ଏପରିକି ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ଏବଂ ସିଏଲ୍‌ଏଫ୍‌ମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟକୁ ତଦାରଖ କରିଥାନ୍ତି। ଦୀର୍ଘ ଦିନ ଧରି ଇସି ସଦସ୍ୟାମାନେ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥିଲେ ମଧ୍ୟ ସ୍ୱଳ୍ପ ମାନଦେୟରେ ଅସ୍ଥାୟୀ ଭାବେ ରଖାଯାଇଛି। ୨୦୨୧ ମସିହା ପର୍ଯ୍ୟନ୍ତ ସେମାନେ କୌଣସି ଭତ୍ତା କିମ୍ବା ପାରିଶ୍ରମିକ ନ ପାଇ ମଧ୍ୟ ନିରବଚ୍ଛିନ୍ନ କାର୍ଯ୍ୟ ଜାରି ରଖିଛନ୍ତି। ୨୦୨୨ଠାରୁ ଜିଲାରେ କାର୍ଯ୍ୟରତ ୬ ହଜାର ୨୩୦ ଇସି ସଦସ୍ୟାମାନେ ସ୍ୱଳ୍ପ ଓ ଅନିୟମିତ ଭାବେ ପାରିଶ୍ରମିକ ପାଉଛନ୍ତି। ଯାହାକୁ ନେଇ ଇସି ସଦସ୍ୟାମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।ସଂଘର ଜିଲା ସଭାପତି ବିଷ୍ଣୁପ୍ରିୟା ଦାସଙ୍କ ନେତୃତ୍ୱରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମସ୍ତ ଦାବିକୁ ସକରାତ୍ମକ ଭାବେ ଗ୍ରହଣ କରି ଓଡିଶାର ଜନସଂଖ୍ୟାର ୫୦ପ୍ରତିଶତ ମହିଳାଙ୍କ ଆତ୍ମନିର୍ଭରଶୀଳତା ବୃଦ୍ଧିରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

# ଟିଂଟିଆ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୋପବନ୍ଧୁ ନଗର,୨୩।୧ (ଶାନ୍ତନୁ କୁମାର ମଢୁଆଳ)

ଗୋପବନ୍ଧୁ ନଗର ବ୍ଲକ ଟିଂଟିଆ ଆଦର୍ଶ ବିଦ୍ୟାଳୟରେ ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ପୃଥ୍ୱିରାଜ ପରିଡା, ମୁଖ୍ୟ ବକ୍ତା ଉଚ୍ଚ ଶିକ୍ଷା ବିଭାଗର ଶିକ୍ଷା ପରାମର୍ଶଦାତା ପ୍ରଫେସର ତୁଷାରକାନ୍ତି ତ୍ରିପାଠୀ, ସମ୍ମାନିତ ଅତିଥି ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶଶୀଧର ସିଂ, ଜିଲା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ଏବିଇଓ ଆରତୀ ରାଉତ ପ୍ରମୁଖ ଯୋଗଦେଇ ମାଆ,ବାପା ଓ ଶିକ୍ଷକଙ୍କ ଉପଦେଶ ବିଦ୍ୟାର୍ଥୀଙ୍କୁ ଆଗକୁ ନେଇଯାଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ତଥା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସୌମ୍ୟଦର୍ଶନ ବେହେରା ଓ ରଶ୍ମି ରଞ୍ଜନ ସିଂ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ରୋଗୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ


ଡାକ୍ତରଖାନା ପରିସରରେ ଉପସ୍ଥିତ ଭଞ୍ଜସେନାର କର୍ମକର୍ତ୍ତାମାନେ।

ମୋରଡ଼ା,୨୩।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲାର ଅଗ୍ରଣୀ ଅଣ ରାଜନୈତିକ ସଂଗଠନ ଭଞ୍ଜସେନାର ପ୍ରତିଷ୍ଠା ଦିବସ ଅବସରରେ ସଂଗଠନର ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନାଙ୍କ ଆହ୍ୱାନକ୍ରମେ ତଥା ମୋରଡା ବ୍ଲକ ଭଞ୍ଜସେନା ସଭାପତି ପରିତୋଷ ବାରିକଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୧ଟାରେ ବାରମାଇଲସ୍ଥିତ କିଶାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମୀମାନେ ରୋଗୀଙ୍କୁ ଫଳ, ବିସ୍କୁଟ ବଣ୍ଟନ କରିଛନ୍ତି। ପରେ କର୍ମୀମାନେ ଡାକ୍ତରଖାନା ପରିସର ବୁଲି ସ୍ୱଚ୍ଛତା ତଦାରଖ କରିବା ସହିତ ରୋଗୀଙ୍କ ପ୍ରତି ଡାକ୍ତରଖାନା କର୍ମଚାରୀଙ୍କ ଆଚାର ବ୍ୟବହାର ସମ୍ପର୍କରେ ବୁଝିଥିଲେ। ଡାକ୍ତରଖାନାରେ କେମିତି ରୋଗୀଙ୍କୁ ଉତ୍ତମ ଚିକିତ୍ସା ମିଳି ପାରିବ ସେ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ ପରିତୋଷ ବାରିକ। ବାରିକଙ୍କ ସମେତ ବାର୍ସା ହେମ୍ବ୍ରମ, ଦିପୁ ବେହେରା, ଲୋକନାଥ ବେହେରା, ଲିଟୁ ମହାନ୍ତ, ମଧୁସୁଦନ ହାଁସଦା, ସାଗରାମ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କରଞ୍ଜିଆ,୨୩।୧(କବିତା ମହାନ୍ତ): କରଞ୍ଜିଆ ସହରସ୍ଥିତ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ସୌଜନ୍ୟରେ ବୁଧବାର ସନ୍ଧ୍ୟା ୬ଟା୩୦ରେ ଉପଖଣ୍ଡସ୍ତରୀୟ ପୋଲିସ ସିଟିଜେନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଞ୍ଚପିଢ ଉପଜିଲାପାଳ ପ୍ରେମାଂସୁ ଚାନ୍ଦ ଓ ସମ୍ମାନୀତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ଯୋଗଦେଇ ଏହି ତ୍ରିଦିବସୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ପୋଲିସ, ଉପଖଣ୍ଡ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଛି। ଏଥିରେ ଉପଖଣ୍ଡର ୩୨ଟି ଦଳ ଅଂଶ ଗ୍ରହଣ କରୁଛନ୍ତି। ପ୍ରଥମ ମ୍ୟାଚ ଉପଜିଲାପାଳ ଏବଂ ସାଥୀ ବନାମ ଉପଖଣ୍ଡ ପୋଲିସ ଅଧିକାରୀଏବଂ ସାଥିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ରେଫରୀ ଭାବେ ରୁପେଶ ସରାଫ, ଶୁଶିଲ ଅଗ୍ରୱାଲା ଓ ଖୁଖୁ ଦାସ କର୍ଯ୍ୟ ତୁଲାଇଥିଲେ। ଭାଷ୍ୟକାର ଭାବେ ଅରୁଣ କୁମାର ବେହେରା କାର୍ଯ୍ୟ ତୁଲାଇଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, କରଞ୍ଜିଆ ଆଇଆଇସି ନିରୋଦ କୁମାର ମଲ୍ଲିକ, ରରୁଆଁ ଥାନା ଅଧିକାରୀ ସୁମନ୍ତ କୁମାର ସେଠି ପରିଚାଳନା କରିଥିଲେ। ସୁଧୀର ଭରୁକା, ପ୍ରଦୀପ ସାହା, ମୁନା ଅଗ୍ରୱାଲା ପ୍ରମୁଖ ସହଯୋଗ କରିଥିଲେ।

# ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଝାରପୋଖରୀଆ,୨୩।୧ (ସୁଧିର କୁମାର ମହାନ୍ତ)

ଝାରପୋଖରୀଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ପରିସରରେ ଗୁରବାର ଭାରପ୍ରାପ୍ତ ଅଧ୍ୟକ୍ଷ ସଞ୍ଜୀବ କୁମାର ପଟ୍ଟନାୟକଙ୍କ ପରୌହିତ୍ୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉପସ୍ଥିତ ଛାତ୍ରୀଛାତ୍ର ଅଧାପିକା ଅଧ୍ୟାପକମାନଙ୍କୁ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜରେ କାର୍ଯ୍ୟକରିବା ଲାଗି ଆହ୍ୱାନ ଦେଇଥିଲେ। ପ୍ରଧାପକ ଅଶୋକ କୁମାର ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଧ୍ୟାପକ ପ୍ରବୀର ପଟ୍ଟନାୟକ ସହଯୋଗ କରିଥିଲେ। ଜୟନ୍ତୀ ଉପଲକ୍ଷେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଓ ଶିବିରାର୍ଥୀ, ସମର ଶିକ୍ଷାର୍ଥୀ ବାହିନୀ ବିଭାଗର କ୍ୟାଡେଟଙ୍କ ସହିତ ଶତାଧିକ ଛାତ୍ରୀ ଛାତ୍ରଙ୍କ ଗ୍ରହଣରେ ପାଳିତ ହୋଇଯାଇଛି । ସେହିପରି ସ୍ଥାନୀୟ ଝାରପୋଖରୀଆର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପଦ୍ମଲୋଚନ ପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା ସମିତିର ସଦସ୍ୟା ଚୁମକିରାଣୀ ଦାସ ନେତାଜୀଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏଥିରେ ଶିଶୁ ଭାରତୀର ରିତେଶ କୁମାର ମହାନ୍ତ ଅତିଥି ପରିଚୟ ଓ ଜ୍ୟୋତିପ୍ରକାଶ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTCSBPOT80, ତା.16.01.2025ରିଖ

କାର୍ଯ୍ୟର ନାମ: "ପୂର୍ବ ତଟ ରେଳପଥରର ଲେଭେଲ କ୍ରସିଂ JT-1 ଏବଂ JT-2 କୁ ବନ୍ଦ କରିବା ପାଇଁ ଝାରସୁଗୁଡ଼ା ରୋଡ଼ ଠାରେ ପ୍ୟାନେଲ ପରିବର୍ତ୍ତନ କାର୍ଯ୍ୟ ଏବଂ ସରଲା - ଶାସନ, ଜରପଡ଼ା - ତାଳଚେର ରୋଡ଼ ସେକ୍ସନ, JSPL - ବଲରାମ ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର କାର୍ଯ୍ୟ ସମ୍ବନ୍ଧୀୟ ସିଗ୍‌ନାଲ ଏବଂ ଟେଲିକମ୍ ଇଂଫ୍ରିଜମେଂଟ କୁ ଦୂର କରିବା ପାଇଁ କେବୁଲ, ଲୋକେସନ ବକ୍ସ, ସିଗ୍‌ନାଲ ପୋଷ୍ଟ ଇତ୍ୟାଦି ସିଗ୍‌ନାଲ ଏବଂ ଟେଲିକମ୍ ଗିୟରର ପରିବର୍ତ୍ତନ ।"

ଆନୁମାନିକ ମୂଲ୍ୟ : ₹1,42,68,655.00, EMD (₹): 2,21,400.00, ଇ-ଟେଣ୍ଡର ଶେଷ ହେବା ଅବଧି : 24(ଚବିଶ)ମାସ ।

ଇ-ଟେଣ୍ଡର ବନ୍ଦ ହେବା ତାରିଖ : ତା.07.02.2025 ରିଖ (1530 ଘଟିକା), ଇ-ଟେଣ୍ଡର ଖୋଲାଯିବା ତାରିଖ: ତା.07.02.2025 ରିଖ (1530 ଘଟିକା) ।

ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ : www.ireps.gov.in ରେ । ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ)ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ ସମ୍ବଲପୁର

PR-130/CH/24-25


# ନନ୍ଦନକାନନ ଗଲା ଫିସିଂ କ୍ୟାଟ୍

ବାରିପଦା,୨୩।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ଦେଉଳି ରେଞ୍ଜ କୁଲିଅଣା ସେକ୍ସନ କନିଆଁଲୁକା ଗ୍ରାମର ଲେମ୍ବୁ ବଗିଚା କେନାଲରୁ ବନ ବିଭାଗ କର୍ମଚାରୀମାନେ ଗୁରୁବାର ଅପରାହ୍ନ ୩ଟାରେ ଏକ ବିଲୁପ୍ତପ୍ରାୟ ଫିସିଂ କ୍ୟାଟ୍ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ବିଲେଇକୁ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଲେମ୍ବୁ ବଗିଚା ଦେଇ ଯାଇଥିବା କେନାଲରେ ଏକ ଫିସିଂ କ୍ୟାଟ୍ ଖସିପଡ଼ିଥିବା ନେଇ ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନଖଣ୍ଡ ଏସିଏଫ୍ ରବି ନାରାୟଣ ମହାନ୍ତିଙ୍କ ନିର୍ଦ୍ଦେଶରେ ବାରିପଦା ଫରେଷ୍ଟ ଡିଭିଜନର ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳ ପହଞ୍ଚି ଫିସିଂ କ୍ୟାଟ୍‌କୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହାର ବୟସ ୪ ବର୍ଷ ପାଖାପାଖି ହେବ ବୋଲି ସୂଚନା ମିଳିଛି। ଏହା ବିଲୁପ୍ତପ୍ରାୟ ସିଡ୍ୟୁଲ୍ଡ-୧ ପ୍ରଜାତିର ପ୍ରାଣୀ ହୋଇଥିବାରୁ ଏହାର ଚିକିତ୍ସା ଓ ବଂଶ ବୃଦ୍ଧି ପାଇଁ ନନ୍ଦନକାନନକୁ ପଠାଇବା ସକାଶେ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝାଙ୍କ ପରାମର୍ଶ କ୍ରମେ ନନ୍ଦନକାନନକୁ ସ୍ଥାନାନ୍ତର କରାଯାଇଛି ବୋଲି ଡ. ଗୋଗିନେନୀ ସୂଚନା ଦେଇଛନ୍ତି। ତେବେ ଏଭଳି ପ୍ରଜାତିର ବଂଶ ବୃଦ୍ଧି ପାଇଁ ନନ୍ଦନକାନରେ ପ୍ରକ୍ରିୟା ଚାଲୁ ରହିଥିବାରୁ ସେଠାକୁ ପଠାଯାଇଥିବା ନେଇ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ପ୍ରକାଶ କରିଛନ୍ତି ।

# ନେତାଜୀ ଜୟନ୍ତୀ

କରଞ୍ଜିଆ,୨୩।୧(କବିତା ମହାନ୍ତ): ପାଞ୍ଚପିଢ ଉପଖଣ୍ଡ ସଦରମହକୁମା କରଞ୍ଜିଆରେ ପ୍ରଶାସନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପାଞ୍ଚପିଢ଼ ଉପ ଜିଲାପାଳ ପ୍ରେମାଂଶୁ ଚାନ୍ଦ ଅତିଥିଭାବେ ଯୋଗଦେଇ ନେତାଜୀ ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରଞ୍ଜିଆ ଏନ୍‌ଏସି ଅଧ୍ୟକ୍ଷା ପପି ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜା, ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜ୍ଜୁନ ସାହା ଯୋଗଦେଇ ନେତାଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପାର୍ଥ ପ୍ରସନ୍ନ ମିଶ୍ର, ସୁମନ୍ତ ପାତ୍ର, ସତ୍ୟ ମିଶ୍ର, ସୂଚନା କେନ୍ଦ୍ର ଓ ପାଠାଗାରର ଗ୍ରନ୍ଥାଗାର ଅରୁଣ କୁମାର ପାଣିଗ୍ରାହୀ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ସାଇ ରଙ୍ଗମଞ୍ଚର ବୈଠକ

ଉଦଳା,୨୩।୧ (ସନ୍ତୋଷ କୁମାର ବାଛିନୀ)

ଆସନ୍ତା ଫେବୃଆରୀ ମାସ ୨ ତାରିଖରେ ସରସ୍ୱତୀ ପୂଜା। ଯାହାକି ଉତ୍ତର ଓ ପ୍ରସିଦ୍ଧ ସରସ୍ୱତୀ ମେଳା କପ୍ତିପଦା ଉପଖଣ୍ଡର ଉଦଳା ଠାରେ ଆୟୋଜନ ହୋଇଥାଏ। ଏଥିନେଇ ମେଳା ଆୟୋଜନ କମିଟି ଏବଂ ଯାତ୍ରା ପରିବେଷଣ କରୁଥିବା କମିଟିଗୁଡ଼ିକ ପକ୍ଷରୁ ବେଶ ତତ୍ପରତା ପ୍ରକାଶ ପାଇଛି। ମେଳା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ହେଉଥିବା ବେଳେ ଉଦଳା ହାଇସ୍କୁଲ ଛକରେ ଥିବା ଅତୁଲ ବାବୁଙ୍କ ପଡିଆରେ ସାଇ ରଙ୍ଗମଞ୍ଚ ପକ୍ଷରୁ ଗୁରୁବାର ଅପରାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରୋଜ କୁମାର ସାମଲଙ୍କ ସଭାପତିତ୍ୱରେ ସମ୍ପାଦକ ଅମୀୟ କୁମାର ବଳ, ବରିଷ୍ଠ ଉପଦେଷ୍ଟା ଇଂ. ମାନସ ରଞ୍ଜନ ମହାନ୍ତି, ପ୍ରଦୀପ ମହାନ୍ତିଙ୍କ ସମେତ ପ୍ରାୟ ୫୦ରୁ ଅଧିକ ଯାତ୍ରା କମିଟିର ସଦସ୍ୟ ବୈଠକରେ ଉପସ୍ଥିତ ଶାନ୍ତି ଶୃଙ୍ଖଳାର ସହିତ ଯାତ୍ରା ପରିବେଷଣ ନେଇ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଜୟ ସେଠି, ସନ୍ତୋଷ ରାଉତ, ବିଜନ ନାଏକ, ପପୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭଞ୍ଜସେନାର ପ୍ରତିଷ୍ଠା ଦିବସ

ବାରିପଦା,୨୩।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନାର ୨୭ତମ ପ୍ରତିଷ୍ଠା ଦିବସ ବୁଧବାର ଜିଲାବ୍ୟାପି ପାଳନ କରାଯାଇଛି। ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମ ଦିବସରେ ପ୍ରତିଷ୍ଠା ହୋଇଥିବା ସଂଗ୍ରାମୀ ଯୁବଛାତ୍ର ସଙ୍ଗଠନର ନେତୃତ୍ୱକୁ ନେଇ ଜିଲାର ୨୬ଟି ବ୍ଲକ, ବିଜ୍ଞାପିତ ଓ ପୌରପରିଷଦ ଅଞ୍ଚଳର ବିକାଶ ଦିଗରେ ସଂଗ୍ରାମ ଜାରି ରଖିଥିବା ହଜାର ହଜାର ଛାତ୍ର ଓ ଅଞ୍ଚଳବାସୀ ଏଥିରେ ସାମିଲ ଥିଲେ। ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ଦିବସର ପୂର୍ବ ଦିନ ଜିଲାର ସମସ୍ତ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଦିନତମାମ ଜିଲାର ବିଭିନ୍ନ ମଠ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମହାପୁରୁଷ ଓ ମହାତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସେନା ପକ୍ଷରୁ ୯ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜରୁରୀକାଳୀନ ଅଧିକାରିଣୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

ଦାବିଗୁଡିକ ମଧ୍ୟରେ ବାରିପଦାରେ ଥିବା ପିଆର୍‌ଏମ୍ ମେଡିକାଲ କଲେଜ ଓ ହସପିଟାଲକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବା ସହିତ ମେଡିକାଲ କଲେଜରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତ କରିବା, ୪ଟି ଉପଖଣ୍ଡରେ ଥିବା ଡାକ୍ତରଖାନାଗୁଡିକୁ ସୁପର ସ୍ପେଶିଆଲିଷ୍ଟ ହସ୍ପିଟାଲ ଭାବେ ରୂପାନ୍ତର କରିବା, ଖାଲି ପଡ଼ିଥିବା ସମସ୍ତ ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀ ପଦବୀକୁ ପୂରଣ କରିବା, କୋଠାବାଡ଼ିରେ ସୀମିତ କରା ନ ଯାଇ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିବା, ଶିମିଳିପାଳର କଳା ମହାବଳ ବାଘ ସହିତ ଜୀବଜନ୍ତୁଙ୍କ ଶିକାର ରୋକିବା ସହିତ ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କରିବା, ପର୍ଯ୍ୟଟନର ବିକାଶ କରାଯାଇ ପର୍ଯ୍ୟଟକଙ୍କୁ ଉତ୍ତମ ପରିବେଶ ସୃଷ୍ଟି କରିବା, ଦର୍ଶନ-୨ ଯୋଜନାରେ ଶିମିଳିପାଳକୁ ସାମିଲ କରିବା, ଗମନାଗମନର ସୁବ୍ୟବସ୍ଥା କରିବା, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ସୈନିକ ସ୍କୁଲ ପ୍ରତିଷ୍ଠା କରିବା, ପ୍ରଶାସନିକ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ସହିତ ବ୍ଲକ ସଂଖ୍ୟା ୪୦କୁ ବୃଦ୍ଧି କରିବା, କରଞ୍ଜିଆ ଓ ଉଦଳାକୁ ମ୍ୟୁନିସିପାଲିଟି ମାନ୍ୟତା ଏବଂ ବେତନଟୀ, ଯଶିପୁର ଓ ବହଳଦାକୁ ଏନଏସି ମାନ୍ୟତା ପ୍ରଦାନ କରିବାକୁ ଦାବିରେ ଉଲ୍ଲେଖ କରାଯାଇଛି। ଏକ ସୁସ୍ଥ, ସମୃଦ୍ଧ,ଶିକ୍ଷିତ, ସୁରକ୍ଷିତ, ସ୍ୱାଲମ୍ବୀ ଓ ସବୁଜିମା ମୟୂରଭଞ୍ଜ ଗଠନ ଆମ ଲକ୍ଷ୍ୟ ସ୍ଲୋଗାନ ଦେଇ ବାରିପଦା ମଧୁବନ ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସଙ୍ଗଠନର ଅଧ୍ୟକ୍ଷ ସଞ୍ଜୀବ ରାଉତ, ଜିଲା ସଭାପତି ପଣ୍ଟୁ ମାଇତି, ଜିଲା ଓବିସି ଶାଖାର ସଭାପତି ରାକେଶ ବେହେରା, ଶୃଙ୍ଖଳାଗତ କମିଟିର ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାସ, କାର୍ଯ୍ୟକାରୀ ଅଧ୍ୟକ୍ଷ ଅଞ୍ଜନ ବରାଳ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ପ୍ରତିଷ୍ଠା ଦିବସରେ ଉପସ୍ଥିତ ଭଞ୍ଜସେନାର କର୍ମକର୍ତ୍ତାମାନେ।


**OFFICE OF THE PRINCIPAL**
**MUNICIPAL COLLEGE, ROURKELA**

No. 184/MCR Date: 22.01.2025

**NOTICE OF INVITATION**

The Principal of Municipal College, Rourkela hereby invites proposals from reputed eligible firms/manufacturers/authorized dealers/suppliers located within State of Odisha for supply of the following items under OHEPEE Grant at the College premies.

1. Moulded Chairs for Girl's Hostel Common Room.
2. Tables for Girl's Hostel Common Room.
3. Table for Physics, Botany, Zoology Labs.

The interested firms may visit the College website i.e. **https://www.municipalcollegerkl.com** and download the Request for Proposal (RfP) documents or visit the college office for detail information and submit their sealed proposal to the Principal by Speed Post/Registered Post as per the terms and conditions mentioned in the RfP documents, so as to reach the college office on or before 21.02.2025 (12.00 Noon). The authority reserves the right to extend, accept or reject any or all the proposal without assigning any reason thereof.

Sd./- Principal
Municipal College, Rourkela



**ODISHA HYDRO POWER CORPORATION LTD.**
OHPC
**O/o. Sr. GENERAL MANAGER**
**HIRAKUD HYDRO ELECTRIC PROJECT**
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/Tech-W-202/1/546 Date: 22.01.2025

**TENDER CALL NOTICE NO. HHEP-04/2025**

No. CAD-2263: Sealed tenders are invited on item rate contract basis in Double Cover System from the firm/agency/eligible class of contractor registered with the Govt. of Odisha and contractor of equivalent grade/class registered with Central Govt./MES/Railway having valid EPF, ESI, GST, PAN etc. for the following work.

| Sl. No. | Description of work | Cost of tender Paper (Non-refundable) in Rs. | EMD in Rs. (in shape of DD/ BC) | Period of availability of tender at OHPC website | Last date & time of receipt of tender | Date & time of Opeing |
|---|---|---|---|---|---|---|
| 1 | Injection of Polymer Modified Concrete (PMC) grout in the cracks of PH walls of HHEP, Burla | Rs.2360/- (Rs.2000/- + GST @ 18%) | 4850/- | 27.01.25 (11.00 A.M.) to 07.02.25 upto 03.00 P.M. | 07.02.25 upto 03.30 P.M. | 07.02.25 at 04.00 P.M. |

Further details of tender documents, terms & conditions, corrigendum etc. to the tender call notice, please visit our website **www.ohpcltd.com**.

OIPR-04007/11/0019/2425 Sd./- C&P Head, HHEP, Burla

